୬ ସ୍ୱର୍ଣ୍ଣରୁ ବଞ୍ଚିତ ହେଲେ ମନୁ ଭାକର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୩ ● ୧୦ ଫେବୃଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-13 ● 10th February 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀଙ୍କ ୧୭ତମ ପାଳି ଅଭିଯୋଗ ଶୁଣାଣି

# ୯୪ ପ୍ରତିଶତ ଅଭିଯୋଗର ସମାଧାନ

**ଭୁବନେଶ୍ୱର, ୯ ।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭୁବନେଶ୍ୱର ୟୁନିଟ୍–୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସୋମବାର ଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ଲାଗି ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡିତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ




ଯାଜପୁର ଜିଲ୍ଲାର କାର୍ତ୍ତିକ ସିଂଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥି ସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସୁଦୂର ପାଟଣାଗଡରୁ ଆସିଥିବା ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପୀଡିତା ତିଲୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡିତ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସହୃଦୟତାର ସହିତ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ମୁଖ୍ୟମନ୍ତ୍ରୀ ଆଶୁ ସମାଧାନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅନ୍ୟ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ । ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି।

ଏହି ଅବସରରେ ଗଣମାଧ୍ୟମରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ *(ପୃଷ୍ଠା ୭ରେ)*

## ପରୀକ୍ଷା ପେ' ଚର୍ଚ୍ଚା

# ଷ୍ଟାର୍ଟଅପ୍ କିପରି ଆରମ୍ଭ କରାଯିବ ବୁଝାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୯ ।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ପରୀକ୍ଷା ପେ' ଚର୍ଚ୍ଚାର ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ସେ ଦେଶର ବିଭିନ୍ନ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୋଇ ସେମାନଙ୍କର ପରୀକ୍ଷା ସମ୍ବନ୍ଧୀୟ ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକ ଶୁଣିଥିଲେ । ସେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି । ପରୀକ୍ଷା ପେ' ଚର୍ଚ୍ଚାର ପ୍ରଥମ ଏପିସୋଡ୍ ଫେବ୍ରୁଆରୀ ୬ ରେ ପ୍ରସାରିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,ଏକ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ୨୫ ବର୍ଷ ବୟସ ହେବାର ଆବଶ୍ୟକତା ନାହିଁ । ଯେକୌଣସି ସମୟରେ ଆରମ୍ଭ କରିପାରିବେ । ଛାତ୍ରଛାତ୍ରୀମାନେ ଶିଳ୍ପ ବୃତ୍ତିଗତଙ୍କ ସହ କଥା ହେବା ଉଚିତ ଓ ସେମାନେ କିପରି କାମ କରନ୍ତି ତାହା ବୁଝିବା ଜରୁରୀ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ପରୀକ୍ଷା ପେ ଆଲୋଚନା ମାଧ୍ୟମରେ ବହୁ ବର୍ଷ ଧରି ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଆସୁଛି । ସେମାନଙ୍କ ଠାରୁ



ଶିଖିବା ପାଇଁ ସେମାନଙ୍କ ସହିତ କଥା ହୋଇଥାଏ । ତାମିଲନାଡୁର ଛାତ୍ରଛାତ୍ରୀଙ୍କ ଶକ୍ତି ଓ କୌତୁହଳ ମତେ ବହୁତ ପ୍ରଭାବିତ କରିଛି ।

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କର ଆଲୋଚନା ଆରମ୍ଭ କରି କହିଥିଲେ, ପରୀକ୍ଷା ପେ' ଚର୍ଚ୍ଚାର ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍କରଣକୁ ସ୍ୱାଗତ । ଏଥର ପରୀକ୍ଷା ପେ' ଚର୍ଚ୍ଚା କିଛି ଭିନ୍ନ, କିଛି ସ୍ୱତନ୍ତ୍ର ।

ଅନେକ ଛାତ୍ରଛାତ୍ରୀ ତାଙ୍କୁ ପରାମର୍ଶ ପଠାଇଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ପରୀକ୍ଷା ପେ' ଚର୍ଚ୍ଚା ହେବା ଉଚିତ । ତେଣୁ ଏଥର,ସେ ଦେଶର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀମାନଙ୍କ ସହିତ ବସି ପରୀକ୍ଷା ଉପରେ ଆଲୋଚନା କରିଛି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେତେବେଳେ ସେ ଲୋକଙ୍କୁ ଭେଟନ୍ତି, ସେମାନେ ଷ୍ଟାର୍ଟଅପ୍ ବିଷୟରେ କଥା ହୁଅନ୍ତି। ପ୍ରଥମେ, ଜାଣିବା ଆବଶ୍ୟକ ଯେ, କଣ କରିବାକୁ ଚାହୁଁଛନ୍ତି। ଉଦାହରଣ ସ୍ୱରୂପ, କିଛି ଷ୍ଟାର୍ଟଅପ୍ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦିଅନ୍ତି। ଯଦି କେହି ବନ୍ଧୁ ଅଛନ୍ତି ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞ, ତେବେ ସେମାନଙ୍କ ସହିତ ଏକ ଛୋଟ ଷ୍ଟାର୍ଟଅପ୍ ଆରମ୍ଭ କରାଯାଇପାରିବ।

ପ୍ରଧାନମନ୍ତ୍ରୀ ମୋଦୀ ପିଲାମାନଙ୍କୁ କହିଛନ୍ତି ଯେ, ଜୀବନରେ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ। ଏହା ପ୍ରେରଣାର ଉତ୍ସ। ଶୃଙ୍ଖଳା ବିନା ପ୍ରେରଣା ବୋଝ ପରି ମନେହୋଇଥାଏ। ଏହା ମନରେ ନିରାଶା ଭାବନା ଆଣିଥାଏ । ଅଧ୍ୟୟନ ଓ ଆଗ୍ରହକୁ ପୃଥକ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ। ଉଦାହରଣ ସ୍ୱରୂପ, ଯଦି ଜଣେ କଳାରେ ଆଗ୍ରହୀ ଓ ବିଜ୍ଞାନର ଏକ ବିଷୟ ଅଧ୍ୟୟନ କରୁଛନ୍ତି ତେବେ ଏହା ସହିତ ଜଡିତ ଏକ ଚିତ୍ର ଆଙ୍କିବା ଆରମ୍ଭ କରିପାରିବେ। ଏହିପରି ଭାବରେ ଛାତ୍ରଛାତ୍ରୀମାନେ ଉଭୟ ଅଭ୍ୟାସ କରିପାରିବେ।

# ଆଇନ ଛାତ୍ରୀଙ୍କୁ ଗୁଳି କରି ହତ୍ୟା

**ଚଣ୍ଡିଗଡ, ୯ ।୨**

ପଞ୍ଜାବର 'ଉତ୍ସ୍ୱା ଲ' କଲେଜରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କଲେଜ ଭିତରେ ସମସ୍ତଙ୍କ ସମ୍ମୁଖରେ ଜଣେ ଆଇନ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଅଭିଯୁକ୍ତ ଜଣକ ସାଥୀ ଛାତ୍ର ବୋଲି ଜଣାପଡିଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସାଥୀ ଛାତ୍ର ଜଣକ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପଞ୍ଜାବରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଏସ୍ଆଇଆରରେ ବାଧା ସୃଷ୍ଟି କରିବାକୁ ଦିଆଯିବନି

**ନୂଆଦିଲ୍ଲୀ, ୯ ।୨**

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ବିରୋଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ରାଜ୍ୟରେ ଅନ୍ୟ କେତେ ଜଣଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାୟର ହୋଇଥିଲା। ଏହି ଆବେଦନଗୁଡ଼ିକ ଉପରେ ଶୁଣାଣି ଜାରି ରହିଥିବାବେଳେ ରାଜ୍ୟରେ ଚାଲିଥିବା ଏସ୍ଆଇଆରରେ କୌଣସି ପ୍ରକାର ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବନାହିଁ ବୋଲି ସୋମବାର ସୁପ୍ରିମକୋର୍ଟ କଡା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଏନ୍ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ



ପଶ୍ଚିମବଙ୍ଗରେ ଏସ୍ଆଇଆର୍ ସମ୍ପର୍କିତ ଆବେଦନ ଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ଅନ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ, 'ତାର୍କିକ ଅସଙ୍ଗତି' ତାଲିକାରେ ଭୋଟରମାନଙ୍କୁ କିପରି ବର୍ଗୀକୃତ କରାଯାଇଛି ତାହା ଚ୍ୟାଲେଞ୍ଜ କରୁଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀର୍ଘ ଦିନ ହେଲା ଏସ୍ଆଇଆର୍ ନେଇ ନିର୍ବାଚନ ଆୟୋଗଙ୍କ ସହିତ ମୁହାଁମୁହିଁ ହେଉଥିବାବେଳେ ଗତ ସପ୍ତାହରେ ସୁପ୍ରିମକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜ ଆବେଦନ ଉପରେ ପକ୍ଷ ରଖିଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏସ୍ଆଇଆର୍ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ।

ଅନ୍ୟପକ୍ଷରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ ରାଜ୍ୟ ପୁଲିସ ଅଧିକାରୀମାନଙ୍କୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଅଧୀନରେ ରଖିବା ପାଇଁ ସନାତନ ସଂସଦ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲା ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ବିଚାର କରାଯାଇଥିଲା। ଏହାର ଜବାବରେ ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗରେ ହିଂସା, ଧମକ ଏବଂ ଏସ୍ଆଇଆର୍ ସମ୍ବନ୍ଧୀୟ କାର୍ଯ୍ୟରେ ହସ୍ତକ୍ଷେପ ସମ୍ପର୍କରେ ଅଭିଯୋଗ କରିଥିଲେ।

# ହଟ୍ଟଗୋଳ ଯୋଗୁ ସଂସଦ ଅଚଳ

**ନୂଆଦିଲ୍ଲୀ, ୯ ।୨**

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ପୁଣିଥରେ ଲୋକସଭାରେ ୨୦୨୦ ଗଲୱାନ ସଂଘର୍ଷ ପ୍ରସଙ୍ଗ ଉଠାଇବାକୁ ଚାହିଁବାରୁ ଏହାକୁ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ତାଙ୍କୁ ଗୃହରେ କହିବା ପାଇଁ ଅନୁମତି ଦେବାକୁ ଜିଦ୍ ଧରିଥିଲେ। ରାହୁଲ କହିଥିଲେ ଯେ, ବଜେଟ୍ ଆଲୋଚନା ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ କହିବା ପାଇଁ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ



କହିବାକୁ ଅନୁମତି ଦେବା ଦାବିକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଯୋଗୁଁ ସୋମବାର ଲୋକସଭାକୁ ମୁଲତବୀ ରଖାଯାଇଛି। ଦୁଇ ଥର ମୁଲତବୀ ହେବା ପରେ ଅପରାହ୍ଣ ୨ଟାରେ ଗୃହ ବସିବା ପରେ ଅଧ୍ୟକ୍ଷ ଥିବା ସନ୍ଧ୍ୟା ରାୟ କଂଗ୍ରେସ ସଦସ୍ୟ ଶଶୀ ଥରୁରଙ୍କୁ ବଜେଟ୍ ଉପରେ ବିତର୍କ ଆରମ୍ଭ କରିବାକୁ କହିଥିଲେ। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଆସାମରୁ ବିହାରକୁ ୨୦ ଲକ୍ଷ ଟଙ୍କା ମୂଲ୍ୟର ବିଦେଶୀ ସିଗାରେଟ୍ ଜବତ, ଦୁଇଜଣ ଗିରଫ।
- ଉତ୍ତର ନାଇଜେରିଆରେ ଓଲଟିଲା ଟ୍ରକ୍, ୩୦ ମୃତ।
- ଫରିଦାବାଦ ଜେଲ୍ ରେ ଆତଙ୍କବାଦୀ ଅବଦୁଲ ରହମାନଙ୍କୁ ହତ୍ୟା।
- ମଣିପୁର: ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଜବତ, ୨୭ ଏକର ବେଆଇନ ଅଫିମ ଚାଷ ନଷ୍ଟ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୫,୭୯୧ (+୧୩୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୪,୪୭୫ (+୧୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୧,୮୪୪ (+୯୯)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୫ (+୦)

# ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

**ଭୁବନେଶ୍ୱର, ୯ ।୨**
**ନ୍ୟୁଜ୍ ବ୍ୟୁରୋ**

ଧାନ ସଂଗ୍ରହ ସମୟରେ ଆମ ରାଜ୍ୟର ଅନ୍ନଦାତାମାନେ କିପରି ବ୍ୟବସ୍ଥାଗତ ଶୋଷଣ ଓ ତଦ୍ଜନିତ କଷଣର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, କୃଷି ହେଉଛି ଓଡିଶାର ଜୀବନ ରେଖା । ତଥାପି ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀ ମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି । ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ–ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଆମର ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା । କିନ୍ତୁ *(ପୃଷ୍ଠା ୭ରେ)*

## ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ସବୁ ରାଜ୍ୟ ରାଜପଥକୁ ୪ ଲେନ୍ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯ ।୨**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ । ଏଥି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ । ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଂ ରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ୀକରଣ ପାଇଁ କଟକ–ସମ୍ବଲପୁର ଜାତୀୟ ରାଜପଥ–୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

ସେହିପରି ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର–ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ–ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଳୁଚରଣ–ଫୁଲନଖରା ରୋଡ୍, ପଳାଶୁଣି ଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର–କଳିଙ୍ଗ ହସ୍ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା–ମଦନପୁର, ଏମ୍ସ ରାସ୍ତା ଆଦିର *(ପୃଷ୍ଠା ୭ରେ)*

# ୩୦୮୨ ସେଣ୍ଟରରେ ହେବ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୯ ।୨**
**ନ୍ୟୁଜ୍ ବ୍ୟୁରୋ**

ଫେବ୍ରୁଆରୀ ୧୯ରୁ ମାଟ୍ରିକ ପରୀକ୍ଷା। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମାଟ୍ରିକ ପରୀକ୍ଷା କରାଯିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଏପରିକି ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ ସେଣ୍ଟର କରାଯାଇଛି। ମାଟ୍ରିକ ପରୀକ୍ଷା ପାଇଁ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରଛାତ୍ରୀ ଫର୍ମ ଫିଲ୍ଅପ୍ କରିଛନ୍ତି। ଏପରିକି ସମସ୍ତ ପରୀକ୍ଷା ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ସଭାପତି କହିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ବୋର୍ଡର କମାଣ୍ଡ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି।

## ଏକାଳ ପଖାଳ




ବାଂଲାଦେଶ ଗାଲୁଆମି କଲା
ଖାଇଲା ଶକତ ଧକ୍କା
ପାକିସ୍ତାନ ସେଇ ରାସ୍ତା ବାଛିଥିଲା
ଆଶାଟା ହୋଇଲା ଫିକା
ହେଲେ ଏବେ ମୁହଁ ବଙ୍କା
ଖେଳିବାକୁ ପଡିବ ଭାଇନା
ଭାରତ ସହିତ ପକ୍କା।

# ଜି–୨୦ ରାଷ୍ଟ୍ର ସମୂହରେ ଅଗ୍ରଣୀ ରହିବ ଭାରତ



**ନୂଆଦିଲ୍ଲୀ, ୯ ।୨**

ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୬.୪ ପ୍ରତିଶତ ହେବ ବୋଲି ଅର୍ଥନୈତିକ ଅନୁଧ୍ୟାନକାରୀ ସଂସ୍ଥା 'ମୁଡିସ୍' ଆକଳନ କରିଛି। ଏହି ସମୟରେ ଭାରତ ଜି–୨୦ ରାଷ୍ଟ୍ରମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଅଗ୍ରଣୀ ସ୍ଥାନରେ ରହିବ ବୋଲି ମୁଡିସ୍ ଏହାର ରିପୋର୍ଟରେ ଦର୍ଶାଇଛି।

ଦେଶ ଭିତରେ ବଜାରରେ ଚାହିଦା ବୃଦ୍ଧି ସହ ନିକଟରେ ନିଆଯାଇଥିବା କିଛି ଅର୍ଥନୈତିକ ପଦକ୍ଷେପ ଓ ବ୍ୟାଙ୍କିଂ ବ୍ୟବସ୍ଥାରେ ସ୍ଥିରତା ଯୋଗୁ ଭାରତର ଅଭିବୃଦ୍ଧି ହାର ଉଚ୍ଚ ରହିବ ବୋଲି ଆକଳନ କରାଯାଇଛି। ବିଶେଷକରି ଲଘୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗରେ ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରିବ। ଦ୍ରବ୍ୟ ଓ ସେବା ଟିକସ କ୍ଷେତ୍ରରେ ନିଆଯାଇଥିବା କିଛି ପଦକ୍ଷେପ ଓ ଆୟକର କ୍ଷେତ୍ରରେ କିଛି ପଦକ୍ଷେପ ଦେଶରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ପାରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

ତେବେ ନିକଟରେ ଉପସ୍ଥାପିତ ହୋଇଥିବା ବଜେଟ୍ର ଅଭିବୃଦ୍ଧି ପାଇଁ ସରକାରୀ ଆକଳନ ତୁଳନାରେ ମୁଡିସ୍ର ଆକଳନ କମ୍ ରହିଛି। ୨୦୨୬–୨୭ରେ ଭାରତୀୟ ଅର୍ଥନୀତିରେ *(ପୃଷ୍ଠା ୭ରେ)*

# ଗୁରୁବାର ଭାରତ ବନ୍ଦ ଡାକରା

**ନୂଆଦିଲ୍ଲୀ, ୯ ।୨**

କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଦ୍ୱାରା କୃଷକ ସଂଗଠନଗୁଡ଼ିକର ଦୃଢ଼ ସମର୍ଥନ ସହିତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ପ୍ରସ୍ତାବିତ ବନ୍ଦ ଯୋଗୁଁ ଆସନ୍ତା ୧୨ ତାରିଖ (ଗୁରୁବାର) ଭାରତରେ ବ୍ୟାପକ ବାଧା ଉପୁଜିବାର ସମ୍ଭାବନା ରହିଛି। ଏହି ଧର୍ମଘଟ ବିଭିନ୍ନ ରାଜ୍ୟରେ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି, ଯାହା ବ୍ୟାଙ୍କିଂ ସେବା, ପରିବହନ ଏବଂ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରଭାବିତ କରିବ।

ଭାରତୀୟ ବାଣିଜ୍ୟ ସଂଘ କେନ୍ଦ୍ର , ଅଲ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସ , ଇଣ୍ଡିଆନ



ନ୍ୟାଶନାଲ ଟ୍ରେଡ ୟୁନିଅନ କଂଗ୍ରେସ , ହିନ୍ଦ ମଜଦୁର ସଭା, ଅଲ ଇଣ୍ଡିଆ କେନ୍ଦ୍ରୀୟ ବାଣିଜ୍ୟ ସଂଘ, ଏଲ୍ପିଏଫ୍ ଏବଂ ୟୁଟିୟୁସି ସମେତ ଦେଶବ୍ୟାପୀ ପ୍ରମୁଖ ବାଣିଜ୍ୟ ସଂଗଠନଗୁଡ଼ିକ ଏହି ଧର୍ମଘଟକୁ ଡାକରା ଦେଇଛନ୍ତି।





# ଜୁଆର ମାଡ଼କୁ ସହି ପାରୁନାହିଁ ଜିଓ ସିନ୍ଥେଟିକ ଟ୍ୟୁବୱାଲ : ଖସୁଛି ପଥର ପ୍ୟାକିଂ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଗୋବିନ୍ଦପୁର, ଡିମିରିପାଳ, ପେଟପଡ଼ା, ସଂସିଧା, ଏରଡ଼ଙ୍ଗ, ଦେସାହି, ପାଳମୀ, କେତୁଆପାଳ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି । ବାଳକାଟି, କୋଳଡ଼ିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି । ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗା ଠାରୁ ବଉଳଯୋଡ଼ି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ୍ୟ ଶୋଚନୀୟ ଅବସ୍ଥାରେ ଅଛି । କେବଳ ଆଳି ବ୍ଲକରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ । ଜିଲ୍ଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ବନ୍ୟା ଚାଷ ନଷ୍ଟ କରୁଛି । ନଦୀ ବନ୍ୟାଜଳ ପ୍ରତିବର୍ଷ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି । ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଋତୁରେ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି । ତଟବନ୍ଧରେ ସବୁଜ ବଳୟ ଅଥବା ପଥର ପ୍ୟାକିଂ ନ ଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି । ମେ' ମାସ ସୁଦ୍ଧା ସମସ୍ତ ନଦୀ ଓ କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା,



ସମୁଦ୍ରରେ ପଡ଼ିଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଜିଲ୍ଲାରେ ଜଳ ସମ୍ପଦ ବିଭାଗର ୨ ଡିଭିଜନ ସହ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି । ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲ୍ଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି । ସେହିପରି ଜିଲ୍ଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି । ପ୍ରତିବର୍ଷ ବନ୍ୟା ଭୟରେ ୫୫ ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି । ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡ଼ି ଅନ୍ୟ ଋତୁରେ କାର୍ଯ୍ୟ ହୋଇପାରନ୍ତା । ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ନଦୀ ବନ୍ଧ ଚିହ୍ନିଟ କରି ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି । ଏବେଠାରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଚିହ୍ନଟୀକରଣ ସହ ଆସନ୍ତା ମେ ମାସ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି । ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ଗୟାଧର ଧଳ କହିଛନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି । ସମୁଦ୍ର ମୁହାଣ ପୋତି ହେଉଛି । ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ । ଏହା ବ୍ୟତୀତ ଜାନୁଆରୀଠାରୁ ନଦୀଗୁଡ଼ିକ ଶୁଖିବା ଆରମ୍ଭ ହେଲାଣି । ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳବଣ ନଷ୍ଟ ହେବ । ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ଼ ସମସ୍ୟା ହୋଇଛି । ୨୦୨୦ ମସିହାରେ ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି । ଜିଓ ସିନ୍ଥେଟିକ ଟ୍ୟୁବୱାଲ ଜୁଆର ମାଡ଼କୁ ସହି ପାରୁନାହିଁ । ଏଥିପାଇଁ ସମୁଦ୍ରର ୧୫ କିଲୋମିଟର ଦୂରରେ ନଦୀରେ ଶେଷ ମୁଣ୍ଡକୁ ଯୋଡ଼ି ତଟାଞ୍ଚଳରେ ଏକ ବୃହତ କେନାଲ ଖୋଳାଯିବା ଆବଶ୍ୟକ । ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡ଼ା ଯାଇପାରିବ । ସେହିପରି ନଦୀ, ନାଳରେ ବ୍ୟାରେଜ ଓ କ୍ରିକି ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚଳିତ ବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି । ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ । ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ । ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି ।

# ଡ୍ରେନ୍ ଦେଇ ଫଟା ପାଇପ୍‌ରେ ଯାଉଛି ପାଣି : ବ୍ୟାପୁଛି ରୋଗ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକର କେତେକ ସ୍ଥାନରେ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣିର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି । କିନ୍ତୁ ଏଥିପ୍ରତି ପଞ୍ଚାୟତ ଏବଂ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ଏହିଭଳି ଭଞ୍ଜନଗର ସହରତଳି ଲଣ୍ଡେଇ ସାହିର କେତେକ ସ୍ଥାନରେ ପାଇପ୍ ଫାଟି ପାଣି ଡ୍ରେନ ଏବଂ ରାସ୍ତାରେ ଭାସୁଥିଲେ ମଧ୍ୟ ତାହାର ତୁରନ୍ତ ମରାମତି ପ୍ରତି ଧ୍ୟାନ ଦିଆଯାଉନାହିଁ । ଉକ୍ତ ଫଟା ପାଇପ୍ ବାଟେ ଦୂଷିତ ପାଣି ଘରକୁ ଯାଉଥିବା ଆଶଙ୍କା କରାଯାଉଛି । ପରବର୍ତ୍ତୀ ପର୍ଯ୍ୟାୟରେ ଲୋକେ ବିଭିନ୍ନ ରୋଗରେ ଆଶଙ୍କା ହେଉଛନ୍ତି । ଏଥିସହ ଲୋକେ ଅଜାଣତରେ ଅନେକ ରୋଗରେ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ଆକ୍ରାନ୍ତ ହେଉଥିବା ଆଶଙ୍କା କରାଯାଉଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ



ନେବାକୁ ସାଧାରଣରେ ଦାବି ହୋଇଛି । ବର୍ଷା ଦିନେ ଏହି ଫଟା ପାଇପ ସ୍ୱାସ୍ଥ୍ୟ ପାଇଁ ବିପଦ ସାଜିବ ।

ଏହାପୂର୍ବରୁ ଗତବର୍ଷ ଫଟା ପାଇପ୍‌ରୁ ବାହାରୁଥିବା ଦୂଷିତ ପାଣି ପିଇ ଛେଦାଭୂମି, ଗୁଣ୍ଡିରିବାଡ଼ି, ବଡ଼କୋଦଣ୍ଡ ଗ୍ରାମର ବହୁ ଲୋକ ଜଣ୍ଡିସ, ଝାଡ଼ାବାନ୍ତି, ପେଟ ବ୍ୟଥା ଭଳି ଅନେକ ରୋଗରେ ଆକ୍ରାନ୍ତ ହୋଇଥିଲେ । ସେଥିମଧ୍ୟରୁ କିଛି ଲୋକ ମଧ୍ୟ ଅକାଳରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା । ପାଣି ଯୋଗାଣ ଦାୟିତ୍ୱରେ ରହୁଥିବା ପଞ୍ଚାୟତ ଅଧିକାରୀମାନେ ଯେତିକି ତତ୍ପର ଦେଖାଇବା କଥା ଦେଖାଉ ନାହାନ୍ତି । ଯାହାକି ଚିନ୍ତାଜନକ ବିଷୟ ।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୯ରେ ମଧ୍ୟପ୍ରଦେଶ ଇନ୍ଦୋର ଭଗୀରଥିପୁର ଅଞ୍ଚଳରେ ଦୂଷିତ ପାଣି ପିଇ ଶତାଧିକ ଲୋକ ଅସୁସ୍ଥ ହୋଇଥିଲେ । ସେଥିମଧ୍ୟରୁ ଆଜି ସୁଦ୍ଧା ୨୬ ଜଣଙ୍କର ମୃତ୍ୟୁ ଘଟିଥିବା ସୋସିଆଲ ମିଡିଆରୁ ଜଣାପଡ଼ିଛି । ତେଣୁ ଏହାର ପୁନରାବୃତ୍ତି ଅନ୍ୟ କୌଣସି ରାଜ୍ୟରେ ଯେଭଳି ନ ହେବ ସେଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

# ଖଡ଼ିଆଳ ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲାକୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ କରାଯାଉଥିବାବେଳେ ଅନେକ ପର୍ଯ୍ୟଟନ କେନ୍ଦ୍ର ଏବେବି ସ୍ଥାନୀତ ହୋଇପାରି ନାହିଁ । ପର୍ଯ୍ୟଟନ ବିକାଶ କହିଲେ ଶୂନ ବୁଝାଇଥାଏ । ଦୀର୍ଘବର୍ଷ ପରେ ମଧ୍ୟ ପର୍ଯ୍ୟଟନର ଉନ୍ନତି କରଣ କରାଯାଇ ପାରିନାହିଁ । ଜିଲ୍ଲାର ପ୍ରମୁଖ ସହର ଖଡ଼ିଆଳ ଠାରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଅଛି । ଓଡ଼ିଶାର ୧୩୭ ବର୍ଷର ପ୍ରଥମ ସାହିତ୍ୟ ସମିତି, ଓଡ଼ିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ, ଖଡ଼ିଆଳ ସହର ମଧ୍ୟରେ କଳା ଓ ସ୍ଥାପତ୍ୟ ୧୫୦ ବର୍ଷ ପୁରୁଣା ଦରବାର ହଲ, ଖଡ଼ିଆଳ ପର୍ବକୁ ୧୦ କିଲୋମିଟର ଦୂରତା ଯୋଗୀମଠ ଅବସ୍ଥିତ । ମାନବ ସମାଜର ଭାଷାର ଉଦଭାବନ ପୂର୍ବରୁ ନିଜ ଭାବନାକୁ ଚିତ୍ର ମାଧ୍ୟମରେ ଆଙ୍କିଥିବା ଗୁମ୍ଫା ଶୀଳାଲିପି ଏବେବି ମୂକସାକ୍ଷୀ ରୂପେ ଦଣ୍ଡାୟମାନ ଅଟେ । ଏହି ସବୁ ପର୍ଯ୍ୟଟନ କେନ୍ଦ୍ରକୁ ଓଡ଼ିଶା ମାନଚିତ୍ରରେ ସ୍ଥାନିତ କରାଯାଇ ନଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବ କାରଣରୁ ଧ୍ୱଂସ ହେବାରେ ବସୁଛି । ଓଡ଼ିଶା ସରକାର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଏହାର ରକ୍ଷଣା ବେକ୍ଷଣରେ ଗୁରୁତ୍ୱଦେଲେ ଉପାନ୍ତ ନୂଆପଡ଼ା ଜିଲ୍ଲାବାସୀ ପର୍ଯ୍ୟଟନରେ ଉନ୍ନତି ହେବାସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ପାରିବ ।

# ଅବହେଳିତ ଅବସ୍ଥାରେ ମା' କୁଶଙ୍ଗାଇ ମନ୍ଦିର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଲୋଇସିଂହା ବ୍ଲକ କୁଶଙ୍ଗସ୍ଥିତ ମା' କୁଶଙ୍ଗାଇ ମନ୍ଦିର ଅବହେଳିତ ଅବସ୍ଥାରେ ପଡ଼ିରହିଛି । ମନ୍ଦିର ଉପରେ ଗଛ ଉଠିଥିବାବେଳେ ଏହାର ରଙ୍ଗଛାଡ଼ି ମଳିନ ଦିଶୁଛି । ଏହାର ମରାମତି ଓ ସାଜସଜ୍ଜା ପାଇଁ ଗାଁ ଲୋକେ ବାରମ୍ବାର ଦାବି କରୁଥିଲେ ହେଁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ । ବଲାଙ୍ଗୀର ଜିଲ୍ଲାର ଏକ ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ମା' କୁଶଙ୍ଗାଇ ଅନ୍ୟତମ । ମା'ଙ୍କ ଆସ୍ଥାନ ରହିଥିବା ମନ୍ଦିର ବହୁ ପୁରୁଣା ଅଟେ । ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଓ ପାଇକମାଳ ନିକଟସ୍ଥ ନୃସିଂହନାଥ ମନ୍ଦିର ଶୈଳୀ ଏହା ସହିତ ସାମଞ୍ଜସ୍ୟ ରହିଛି । ବିଭିନ୍ନ ପର୍ବରେ ମା'ଙ୍କ ପୀଠ ଚଳଚଞ୍ଚଳ ହୋଇଉଠେ । ମା'ଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲା ଓ ରାଜ୍ୟ ବାହାରୁ ବହୁ ଭକ୍ତ ଏଠାକୁ ଆସୁଛନ୍ତି । କିନ୍ତୁ ମନ୍ଦିରର ଉନ୍ନତିକରଣ ପାଇଁ ପ୍ରଶାସନ ଧ୍ୟାନ ଦେଉନାହିଁ । ମା'କୁଶଙ୍ଗାଇ ଅଧିଷ୍ଠିତ ଥିବା ମୁଖ୍ୟ ମନ୍ଦିରରେ ବହୁ ପିପ୍ପଳ ଗଛ ଉଠିଛି । ଯାହା ଆଗକୁ ମନ୍ଦିରରେ ଫାଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏଥିସହ ଏହି ମନ୍ଦିରର ରଙ୍ଗ ଛାଡ଼ି ଧୀରେଧୀରେ କଳା ପଡ଼ିଗଲାଣି । ଏସବୁ ଦେଖି ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି । ଲୋକଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩୦ ବର୍ଷ ପୂର୍ବରୁ ଏହି ମନ୍ଦିରର ମରାମତି ଓ ରଙ୍ଗ ହୋଇ ହୋଇଥିଲା । ଏହା ପରଠାରୁ ଅବହେଳିତ ଅବସ୍ଥାରେ ମନ୍ଦିର ପଡ଼ିରହି ରହିଛି । ସ୍ଥାନୀୟ ପ୍ରଶାସନ ମନ୍ଦିରର ଉନ୍ନତିକରଣ ପାଇଁ ଚେଷ୍ଟା କରିବାର ଅବଶ୍ୟକତା ରହିଛି । ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ବାଡ଼ିରେ ପଡ଼ିଛି ଧାନ : ଖୋଲୁନି ମଣ୍ଡି, ଚିନ୍ତାରେ ନୟାଗଡ଼ ଚାଷୀ

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଚାଷୀମାନେ ଧାନ ଅମଳ କରି ବାଡ଼ିରେ ପକାଇ ରଖିଛନ୍ତି । ମଣ୍ଡିରେ ଧାନ ଦେବା ପାଇଁ ଚାହିଁ ରହିଛନ୍ତି । ସେପଟେ ମଣ୍ଡି ଉଦ୍‌ଘାଟନ ହେବାର ୨୦ ଦିନ ବିତିଗଲାଣି । କିଛି ଚାଷୀଙ୍କୁ ଟୋକନ ବି ମିଳିଛି । ହେଲେ ଚାଷୀମାନଙ୍କ ଅଭିଯୋଗ ଯେ, ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ । ସେପଟେ ଆଉ କିଛି ଚାଷୀଙ୍କ ଅଭିଯୋଗ ଯେ, ଧାନ କ୍ୱିଣ୍ଟାଲ ପିଛା ପ୍ରାୟ ୭-୮ କିଗ୍ରା କଟ୍‌ନୀ ଛଟ୍‌ନୀ ହେଉଛି । ନୟାଗଡ଼ ଜିଲ୍ଲାର ଚାଷୀମାନେ ଏଭଳି ଅଭିଯୋଗ ଆଣିଛନ୍ତି । ନୟାଗଡ଼ ଜିଲ୍ଲାରେ ଧାନ ମଣ୍ଡି ଉଦ୍‌ଘାଟନ ହେବାର ୨୦ରୁ ଅଧିକ ଦିନ ବିତିବା ପରେ ମଧ୍ୟ ମଣ୍ଡି ଖୋଲିବା ସ୍ୱାଭାବିକ ହୋଇପାରୁନାହିଁ । ଚାଷୀ ବାହାରେ ଦଲାଲଙ୍କୁ ୧୮ ଶହ ଟଙ୍କାରେ ଧାନ ବିକ୍ରି କରି ଅଭାବୀ ଧାନ ବିକ୍ରିର ସମ୍ମୁଖୀନ ହେଉଛି ।



ମିଲରଙ୍କ କଟ୍‌ନୀ ଛଟ୍‌ନୀ ଜିଦି ଜାଲରେ ଧନ୍ଦି ହେଉଛନ୍ତି ଜିଲ୍ଲାର ହଜାର ହଜାର ଚାଷୀ । ଚାଷୀଙ୍କ ଅଭିଯୋଗ, ଚଳିତ ବର୍ଷ ହାତଗଣତି କେତୋଟି ମଣ୍ଡି ଖୋଲିଥିବା ବେଳେ ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖିବା ପାଇଁ ମିଳୁଛି । ଏଫଏକ୍ୟୁ ମାନର ଧାନ ଓ କଟନୀ ଛଟନୀକୁ ନେଇ ଚାଷୀ ଏବଂ ମିଲରଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି । କୁଇଣ୍ଟାଲ ପ୍ରତି ୭ରୁ ୮ କେଜି ଧାନ କାଟିବା ପାଇଁ ମିଲରମାନେ ଜିଦ ଧରିବାରୁ ଜିଲ୍ଲାରେ ମଣ୍ଡି ଖୋଲିବାରେ ଅବ୍ୟବସ୍ଥା ଦେଖା ଦେଇଛି । ମଣ୍ଡି ଖୋଲିବାରେ ବିଳମ୍ବ ହେବା, ଚାଷୀଙ୍କୁ ଲୁଟିବା ପାଇଁ ଏକ ପ୍ରକାର ଷଡ଼ଯନ୍ତ୍ର କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ଚାଷୀ ବାଳକୃଷ୍ଣ ପ୍ରଧାନ କହିଛନ୍ତି, 'ଗତବର୍ଷ ଅପେକ୍ଷା ଏବର୍ଷ ଭଲ ଧାନ ଦେଉଛୁ । ତଥାପି କଟନୀ ଛଟନୀ କରୁଛନ୍ତି । କ୍ୱିଣ୍ଟାଲ ପିଛା ୭ରୁ ୮ କିଲୋ କଟନୀ ଛଟନୀ କରା ଯାଉଛି ।' ଚାଷୀ ସଚ୍ଚିଦାକାନ୍ତ ପ୍ରଧାନ କହିଛନ୍ତି, 'ଟୋକନ ଆଣି ରଖିଛୁ । ବହୁତ ଦିନ ବିତି ଗଲାଣି, ହେଲେ ମଣ୍ଡି ଖୋଲୁନି । ବାଡ଼ିରେ ଧାନ ପଡ଼ି ପଡ଼ି ଶୁଖୁଛି । ଟୋକନର ଅବଧି ଶେଷ ହେବାକୁ ବସିଲାଣି ହେଲେ ମଣ୍ଡି ଖୋଲୁନି ।'

ନୟାଗଡ଼ ଜିଲ୍ଲାରେ ୫୭ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଥିବା ବେଳେ ଅଳ୍ପସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ ଆସିଛି । ୩୦ ପ୍ରତିଶତି ଚାଷୀଙ୍କ ଟୋକନ ଆସିଥିବା ବେଳେ ୭୦ ପ୍ରତିଶତ ଚାଷୀ ଟୋକନ ଅପେକ୍ଷାରେ ରହିଛନ୍ତି । ସେପଟେ ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ଅଭାବୀ ଧାନ ବିକ୍ରି ରୋକିବା ପାଇଁ ଗତ ମାସ ୨୯ ତାରିଖରେ ଧାନ ମଣ୍ଡି ଉଦଘାଟନ କରାଯାଇଛି । ଜିଲ୍ଲାରେ ୧୫୩ ପାକ୍ସ ଦ୍ୱାରା ୧୭୪ଟି ସ୍ଥାନରେ ଧାନମଣ୍ଡି ଖୋଲି ଚାଷୀଙ୍କ ଠାରୁ ଧାନ କିଣାଯିବ ।

ନୟାଗଡ଼ ଯୋଗାଣ ଅଧିକାରୀ ମୁରଲୀ କ୍ରାଷ୍ଣା ରାଓ କହିଛନ୍ତି, 'ସମସ୍ତ ମଣ୍ଡି ଖୁବ୍‌ଶୀଘ୍ର ଖୋଲିବ ଏବଂ ସମସ୍ତଙ୍କ ଧାନକୁ ନିଆଯିବ । କେହି ବ୍ୟସ୍ତ ହେବା ଦରକାର ନାହିଁ । ୧୭୪ଟି ମଣ୍ଡି ଖୋଲିବ । ୧୦ ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ ଆସିଛି । ୫୭ ହଜାର ୯୭୨ ଚାଷୀ ପଞ୍ଜିକୃତ ହୋଇଛନ୍ତି । ପର୍ଯ୍ୟାୟ କ୍ରମେ ମଣ୍ଡି ଖୋଲିବ । ଦଲାଲି ରୋକ ଲଗାଇବା ପାଇଁ ମଣ୍ଡିରେ ମଣ୍ଡି ସୁପରଭାଇଜିଂ ଅଫିସର, ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି । ସମସ୍ତ ମଣ୍ଡିରେ ସିସିଟିଭି ବ୍ୟବସ୍ଥା କରାଯାଇଛି ।'

# ପ୍ରଦୂଷଣ ବଳୟରେ ସମ୍ବଲପୁର-ଝାରସୁଗୁଡା ରାସ୍ତା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଦ୍ୟୁଷଣର ବଳୟରେ ଲୋକେ ତ୍ରାହି ତ୍ରାହି ଡାକିଲେଣି, ହେଲେ ସୁରକ୍ଷା ଯୋଗାଇବ କିଏ? ଏହି ଦୃଶ୍ୟ ସମ୍ବଲପୁରୁ ଝାରସୁଗୁଡ଼ା ଯିବା ରାସ୍ତାର ଏସ୍ ଏମ୍ ୧୦ର ଅବସ୍ଥା । ଖଣି ଖାଦାନ ଅଛି, ତେଣୁ ବଡ଼ବଡ଼ କଳ କାରଖାନା ବି ବସିଛି । ହେଲେ କଳ କାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ନିଷ୍କାସନ ଆବର୍ଜନାର ସଠିକ୍ ବିନିଯୋଗ ହୋଇ ପାରୁନଥିବା ଯୋଗୁଁ ଲୋକେ ବିଷ ବଳୟ ଭିତରକୁ ଠେଲି ହୋଇଯାଉଛନ୍ତି । ପ୍ରଦ୍ୟୁଷଣ ଯେ କେବଳ ବାୟୁ ମଣ୍ଡଳକୁ ନଷ୍ଟ କରୁଛି ତାହା ନୁହେଁ ଏତେ ମାତ୍ରାରେ ଆବର୍ଜନା ଧୂଳିଧୂସର ଓ ପାଉଁଶ ଉଡୁଛି ଯେ ରାଜ ରାସ୍ତାରେ ଯାନ ବାହାନ ଚଳାଚଳରେ ମଧ୍ୟ ବାଧକ ସାଜିଛି । ଏ ଦିଗରେ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାର ଅନୁସନ୍ଧାନ କରି ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

# ଧାମନଗର କଲେଜରେ ଖୋଲିବ ସେନା ତାଲିମ କେନ୍ଦ୍ର, ଅଗ୍ନିବୀର ହେବା ପାଇଁ ପ୍ରସ୍ତୁତ ହେବେ ଗ୍ରାମାଞ୍ଚଳ ଯୁବକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ଅଞ୍ଚଳର ଯୁବକ ଯୁବତୀମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛନ୍ତି କେନ୍ଦ୍ର ସରକାର । ଏଣିକି ସେନାରେ ଭର୍ତ୍ତି ହୋଇ ଦେଶ ସେବା କରିବାର ସ୍ୱପ୍ନ ଦେଖୁଥିବା ଗ୍ରାମାଞ୍ଚଳର ପିଲାମାନଙ୍କୁ ନିଜ ଅଞ୍ଚଳରେ ହିଁ ମିଳିବ ଉପଯୁକ୍ତ ପ୍ରଶିକ୍ଷଣ । ଧାମନଗର କଲେଜ ପରିସରରେ ଭାରତୀୟ ସେନା ପକ୍ଷରୁ ଏକ ମିଲିଟାରୀ ଟ୍ରେନିଂ କ୍ୟାମ୍ପ ପ୍ରତିଷ୍ଠା କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶେଷ କରି 'ଅଗ୍ନିବୀର' ଯୋଜନାରେ ନିଯୁକ୍ତି ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଜଣ ଯୁବକଯୁବତୀଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯିବ । ମହାବିଦ୍ୟାଳୟ ପରିସରରେ ଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ହଷ୍ଟେଲକୁ ଏହି ତାଲିମ କେନ୍ଦ୍ର ପାଇଁ ସ୍ଥାୟୀ ଭାବେ ବ୍ୟବହାର କରାଯିବାର ଯୋଜନା ରହିଛି । ଭାରତୀୟ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁରେନ୍ଦ୍ର ସିଂହ ଓ ରବିନ ସିଂହ ମହାବିଦ୍ୟାଳୟ ପରିସର ଗସ୍ତ କରି ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି । ତାଲିମ ପାଇଁ ଆବଶ୍ୟକ ହେଉଥିବା ଟ୍ରାକ ନିର୍ମାଣ ଓ କଲେଜ ପଡ଼ିଆର ଉପଯୋଗିତା ସମ୍ପର୍କରେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଖୁବ୍ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେନା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି । ସେନା ଅଧିକାରୀଙ୍କ ଗସ୍ତ ସମୟରେ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରେ ଧାମନଗର କଲେଜ ତରଫରୁ ଏନସିସି ପିଲାଙ୍କ ଦ୍ୱାରା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ନିଆଳି ପାନ ଖୁଚୁରା ବଜାରରେ କଡ଼ା ଛୁଇଁଲା ୯୦ ଟଙ୍କା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏଥର ଅତ୍ୟଧିକ ଶୀତ କାକର ଯୋଗୁଁ ନିଆଳିରେ ପାନ ଚାଷ ପ୍ରଭାବିତ ହୋଇଛି । ପୂରା ବରଜରୁ ତୋଳାଯାଉଥିବା ପାନରେ ଟୋକେଇ ଭର୍ତ୍ତି ହେଉନି । ପ୍ରତିବର୍ଷ ଶୀତରେ କିଛି ମାତ୍ରାରେ ପ୍ରଭାବିତ ହୁଏ ପାନଚାଷ । କିନ୍ତୁ ଏଥର ଶୀତ ସବୁ ରେକର୍ଡ ଭାଙ୍ଗିଥିବାରୁ ପାନ ଅମଳରେ ପ୍ରଭାବ ବେଶ୍ ଅଧିକ ପଡ଼ିଛି । ଫଳରେ ପାନର ବଜାର ମୂଲ୍ୟ ଦୁଇଗୁଣା ହୋଇଛି । ମାସକ ପୂର୍ବରୁ କଟକ ସହରରେ ପାନ କଡ଼ା ଯେଉଁଠି ୫୦ ଟଙ୍କାରେ ବିକ୍ରି ହେଉଥିଲା, ଏବେ ତାହା ୯୦ ଟଙ୍କାରେ ପହଞ୍ଚିଛି । ଆବଶ୍ୟକତା ମୁତାବକ ନିଆଳିରୁ ପାନ ଆସୁନଥିବାରୁ ଏବେ ବାଲେଶ୍ୱର ଭୋଗରାଇ ପାନ ଚାହିଦା ମେଣ୍ଟାଉଛି । ପରିବହନ ଖର୍ଚ୍ଚ ନିଆଳି ତୁଳନାରେ ଅଧିକ ରହୁଥିବାରୁ ପାନର ହୋଲସେଲ୍ ମୂଲ୍ୟ ବୃଦ୍ଧି ପାଇଛି ।

କଟକ ସହରରେ ପାନର ସ୍ୱତନ୍ତ୍ର ଚାହିଦା ରହିଛି । ସହରର ଗଳିକନ୍ଦିଠୁ ଆରମ୍ଭ କରି ଛକବଜାରରେ ହଜାର ହଜାର ସଂଖ୍ୟାରେ ପାନ ଦୋକାନ ରହିଛି । ସହରରେ ପୁଣି ଏମିତି କିଛି ପ୍ରସିଦ୍ଧ ପାନଦୋକାନୀ ରହିଛନ୍ତି ଯେଉଁମାନଙ୍କ ପାନର ଚାହିଦା ଢେର ଅଧିକ । ଏମିତିକି କିଛି ପାନ ସୌକିନ୍ ଭୁବନେଶ୍ୱରରୁ ଆସି କଟକରୁ ପାନ କିଣି ନିଅନ୍ତି । କିନ୍ତୁ ଗତ କିଛି ଦିନ ଭିତରେ ପାନ ମୂଲ୍ୟ ବଢ଼ିଯିବାରୁ ଖାଉଟି ଚଢ଼ା ଦରରେ ପାନ କିଣୁଛନ୍ତି । ୧୦ ଟଙ୍କାରେ ଗଣି ଗଣି ୫ଟି ପାନପତ୍ର । ଗୁଣ୍ଡି, ମସଲା ଦେଲେ ୧୦ ଟଙ୍କାରେ ମାତ୍ର ତିନି ଖଣ୍ଡ ଭଙ୍ଗାପାନ । ନିଆଳିରୁ ପ୍ରତ୍ୟେକ ଦିନ କଟକ ସହରକୁ ଦୁଇ ହଜାର କଡ଼ା ପାନ ଆସିଥାଏ । ଏହାବାଦ୍ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଆଦି ଉପକୂଳ ଜିଲ୍ଲାଗୁଡ଼ିକରୁ ମଧ୍ୟ ପ୍ରାୟ ଆଉ ୨ ହଜାର କଡ଼ା ଆସିଥାଏ । କଟକ ମାଲଗୋଦାମ ସମେତ କିଛି ହୋଲସେଲ୍ ମାର୍କେଟରୁ ପାନ କଟକ ସହର ସମେତ ସହର ଉପକଣ୍ଠ ଇଲାକାକୁ ଯାଇଥାଏ ।

# ଗାଁ ମଝିରାସ୍ତା ପାଲଟିଛି ପଙ୍କର କୃତ୍ରିମ ହ୍ରଦ : କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ଥିତ ପଦ୍ମପୁର ଗ୍ରାମର ମୁଖ୍ୟ ବସ୍ତି ରାସ୍ତା ପାଲଟିଛି କୃତ୍ରିମ ପଙ୍କ ହ୍ରଦ । ଏହି ରାସ୍ତା ଦେଇ ଯାତାୟାତ କରନ୍ତି ଗ୍ରାମର ତିନିଶହ ପରିବାରର ଲୋକେ । ରାସ୍ତା ଉପରେ ରହିଛି ୪ ଇଞ୍ଚର କାଦୁଅ ଏବଂ ପାଣି ପାଖାପାଖି ଦୁଇଶହ ମିଟର ଯାଏଁ ରାସ୍ତା ଉପରେ ବର୍ଷସାରା ଜମା ହୋଇରହିଅଛି । ଯାହାଫଳରେ ପଦ୍ମପୁର ଗ୍ରାମବାସୀ ଯିବାଆସିବାରେ ବହୁତ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି । କାଦୁଅରେ ରାସ୍ତାରେ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଗଲାବେଳେ ଲୋକଙ୍କ ଉପରେ କାଦୁଅ ଛିଟା ପଡ଼ି ଅସନା ହେଉଛନ୍ତି ଲୋକେ । ରାସ୍ତାର ଅବସ୍ଥା ଯାହା ଜଣେ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହେବନି । ରାସ୍ତାର ଅବସ୍ଥା ଯେଉଁଭଳି ଅଛି ରାସ୍ତାରେ ବୟସ୍କ ବ୍ୟକ୍ତି ଚାଲିବା ସମ୍ଭବ ନୁହେଁ ହେଲେ ବାଧ୍ୟହୋଇ ଛୋଟଛୋଟ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି । ପ୍ରାୟ ସମୟରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଗୋଡ଼ ଖସି କାଦୁଅରେ ପଡିଯାଇଥାନ୍ତି, ବ୍ୟାଗ୍, ଜୋତା ଓ ଡ୍ରେସ୍‌ରେ କାଦୁଅ ଲାଗୁଥିବା ହେତୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ପାଇଁ ଅମଙ୍ଗ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଆହୁରି ମୁଖ୍ୟ ସମସ୍ୟା ରହୁଛି ଯେ, ଗ୍ରାମରେ କୌଣସି ପୂଜାପାର୍ବଣ କିମ୍ବା ବାହାଘର ହେଲେ ରାସ୍ତାରୁ କାଦୁଅ ଓ ପାଣି ଶୁଖାଇବାକୁ ଦଶଦିନ ପୂର୍ବରୁ ରାସ୍ତା କଡ଼ରେ ଥିବା ନଳକୂଅ ଓ ପାଇପ୍ ପାଣିକୁ ବନ୍ଦ କରିବାକୁ ପଡ଼ିଥାଏ ଯଦ୍ୱାରା ଗ୍ରାମର ଶହଶହ ପରିବାର ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ଓ ବାଧ୍ୟ ହୋଇ ଫ୍ଲୋରାଇଡ୍ ବାହାରୁ ଥିବା ନଳକୂପର ପାଣି ପିଉଛନ୍ତ । ସରକାର ସବୁବେଳେ କହୁଛନ୍ତି ଯେ, ଗ୍ରାମମାନଙ୍କ ରାସ୍ତାର ବିକାଶ କରି ସୁବିଧାରେ ଯିବା ଆସିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ପଦ୍ମପୁର ବସ୍ତିରାସ୍ତାକୁ ଦେଖିଲେ ବିକାଶର ଓଲଟା ଚିତ୍ର ପରିଲକ୍ଷିତ ହେଉଅଛି । ଏହି ଚିତ୍ର ଦେଖିଲାପରେ ଲାଗୁଛି ସମସ୍ତେ ପକ୍କା ରାସ୍ତାରେ ଚାଲିବେ ସହରରୁ ଗାଁ ଓ ସମସ୍ତ ଗ୍ରାମାଞ୍ଚଳର ସବୁ ଗଳିକନ୍ଦି ଚକାଚକ୍ୟ ରହିବ ଡିଣ୍ଡିମ ପିଟୁଥିବା ତାହା ଏକ ପ୍ରହସନ ଭଳି ମନେହୁଏ ପଦ୍ମପୁର ବସ୍ତି ରାସ୍ତାକୁ ଦେଖିଲେ । ଏହି ରାସ୍ତାର ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଅନେକ ଥର ଅବଗତ କରିଥିଲେହେଁ ଏହାର ସୁଫଳ ଏଯାଏଁ ମିଳିନାହିଁ । ରାସ୍ତାର ଅବସ୍ଥା ଦେଖିଲାପରେ ପ୍ରଶାସନ ଓ ସରକାର ଜାଣିଶୁଣି ଗ୍ରାମାଚଂଳରେ ଗମନା ଗମନର ସୁବିଧା ନକରି ସମ୍ପୂର୍ଣ୍ଣ ଭାବରେ ଆଖିବୁଜି ଦେଇଥିବା ମନେହୁଏ । ଏଣୁ ଗ୍ରାମବାସୀ ଭଲ ରାସ୍ତାଟିଏ କେବେ ମିଳିବ କହି ଭାଗ୍ୟକୁ ଆଦରି ରହିଛନ୍ତ । ତେଣୁ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ପଦ୍ମପୁର ଗ୍ରାମର ରାସ୍ତା ସମସ୍ୟା କିପରି ଦୂର ହେଇପାରିବ ତା'ର ବ୍ୟବସ୍ଥା କରି ଯଥା ଶୀଘ୍ର କଂକ୍ରିଟ ରାସ୍ତା କରିବା ପାଇଁ ଲୋକେ ଦାବି କରିଛନ୍ତି ।


# ଶିକ୍ଷକରୁ ସେବକ : ୨୩ ବର୍ଷ ଧରି ବୁଲା ଗାଈ ଗୋରୁଙ୍କ ଦେବଦୂତ ସାଜିଛନ୍ତି ତାରାକାନ୍ତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସିନ୍ଦୂରା ଫାଟେ... ସୂର୍ଯ୍ୟ ଉଦୟ ହୁଅନ୍ତି... ପିଲାଙ୍କ ସାର ସାର ଡାକରେ ଆରମ୍ଭ ହୁଏ ସକାଳ... ହାତରେ ଚକ୍‌ଖଡି ଧରି ପିଲାଙ୍କ ଭବିଷ୍ୟତର ମୂଳଦୁଆ ପକାନ୍ତି । ଏହା ତାଙ୍କର ପେଶା, କିନ୍ତୁ ହମା ରଡ଼ିରୁ ବୁଝିଯାଆନ୍ତି ଗୋ-ମାତାର କଷ୍ଟ । କେଉଁଠି ବୁଲା ଗୋରୁ ଗାଈ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଲେ ତାଙ୍କ ହୃଦୟ ବିଦାରି ହୋଇଯାଏ... ସଙ୍ଗେ ସଙ୍ଗେ ପହଞ୍ଚି ଯାଆନ୍ତି ଦେବଦୂତ ହୋଇ... ନିଜସ୍ୱ ଉଦ୍ୟମରେ ଗତ ୨୩ ବର୍ଷ ହେଲା ବୁଲା ଗୋରୁଗାଈଙ୍କ ଜୀବନ ବଞ୍ଚାଇ ଆସୁଛନ୍ତି ୪୦ ବର୍ଷୀୟ ତାରାକାନ୍ତ ବେହେରା । ପେଶାରେ ଶିକ୍ଷକ, ନିଶା ପଶୁ ସେବା । ଏହାକୁ ଜୀବନର ବ୍ରତ କରିନେଇଛନ୍ତି ତାରାକାନ୍ତ । ଏହି ମହତ କାମ ପାଇଁ ରାଜ୍ୟପାଳଙ୍କ ହାତରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି ।

୨୦୦୩ ମସିହା କଥା, ଦଶମ ଶ୍ରେଣୀରେ ପଢୁଥାନ୍ତି ତାରାକାନ୍ତ । ଘର ପାଖରେ ଏକ ରୋଗିଣା ଷଣ୍ଢକୁ ଦେଖିଥିଲେ । ଷଣ୍ଢର ସିଂଘ ଭାଙ୍ଗି ଯାଇ ପୋକ ସାଲୁବାଲୁ ହେଉଥିଲା । ଗାଁ ସାଙ୍ଗମାନଙ୍କ ସହଯୋଗରେ ତାରାକାନ୍ତ ଷଣ୍ଢର ଚିକିତ୍ସା କରିଥିଲେ । ସୁସ୍ଥ ହୋଇ ଷଣ୍ଢ ନୂଆ ଜୀବନ ପାଇଥିଲା । ବାସ୍ ସେଇଠୁ ଆରମ୍ଭ ହୋଇଥିଲା ବୁଲା ଅସୁସ୍ଥ ଗୋରୁଙ୍କ ପ୍ରତି ତାରାକାନ୍ତଙ୍କ ସେବା ମନୋଭାବ ।

ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି ତାରାକାନ୍ତ ବେହେରା । ପେଶାରେ ପ୍ରାଥମିକ ଶିକ୍ଷକ । ପିଲାଙ୍କୁ ପାଠ ପଢାଇ ଶିକ୍ଷିତ କରିବା ତାଙ୍କର ପ୍ରଥମ ଦାୟିତ୍ୱ । ହେଲେ ସେତିକିରେ ସୀମିତ ନୁହେଁ ତାଙ୍କ ଦାୟିତ୍ୱ । ରାସ୍ତାରେ ଅସୁସ୍ଥ ଗାଈ ଗୋରୁ କିମ୍ବା ଷଣ୍ଢଙ୍କୁ ଦେଖିଲେ ତାଙ୍କ ମନ ବିକଳ ହୋଇଯାଏ । ସୂଚନା ପାଇବା ମାତ୍ରେ ଚିକିତ୍ସା ପାଇଁ ହାତରେ ଔଷଧ ଧରି ସେ ପହଞ୍ଚିଯାଆନ୍ତି । ସଙ୍ଗେ ସଙ୍ଗେ ଆରମ୍ଭ କରି ଦିଅନ୍ତି ଚିକିତ୍ସା । ଖାଲି ଚିକିତ୍ସା କରି ଛାଡ଼ି ଦିଅନ୍ତି ନାହିଁ, ପ୍ରାଣୀଟି କେମିତି ଭଲ ହେବ ଓ ପୁଣି ଚଲାବୁଲା କରିବ, ସେସବୁ ଉପରେ ମଧ୍ୟ ନଜର ରଖନ୍ତି । ପ୍ରତି ଦିନ ଦେଖାଶୁଣା କରିବା ସହ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରନ୍ତି । ସେଥିପାଇଁ



ଲୋକେ ତାଙ୍କୁ ବୁଲା ଓ ଅସୁସ୍ଥ ଗୋରୁଙ୍କ ଦେବଦୂତ କୁହନ୍ତି ।

ରାଜଧାନୀ ଉପକଣ୍ଠ ପଥର ଗାଡ଼ିଆରେ ସପରିବାର ସହ ରହୁଛନ୍ତି ତାରାକାନ୍ତ । ଭାସ୍କର ବେହେରା ଓ ଦ୍ରୌପଦୀ ବେହେରାଙ୍କ ୪ ପୁଅ ଝିଅଙ୍କ ମଧ୍ୟରୁ ତୃତୀୟ ସନ୍ତାନ ତାରାକାନ୍ତ । ଘରେ ବାପା , ମାଆ, ପତ୍ନୀ ଓ ଦେଢ ବର୍ଷର ଝିଅ । ଗାଈ ଗୋରୁଙ୍କ ସେବା କରୁଥିବା ମା' ଦ୍ରୌପଦୀଙ୍କୁ ଦେଖି ପିଲାଟି ବେଳୁ ପଶୁଙ୍କୁ ଭଲ ପାଇ ବସିଛନ୍ତି ତାରାକାନ୍ତ ।

୨୦୦୩ରୁ ଆଜି ପର୍ଯ୍ୟନ୍ତ ସେ ବୁଲା ଗୋରୁଙ୍କ ଚିକିତ୍ସା କରି ଆସୁଛନ୍ତି । ଦିନ ହେଉ ଅବା ରାତି, ଘରେ ଥାଆନ୍ତୁ କିମ୍ବା ସ୍କୁଲରେ, କେଉଁଠି ଅସୁସ୍ଥ ଗାଈ, ଷଣ୍ଢ, ବାଛୁରୀଙ୍କ ଖବର ମିଳେ, ସଙ୍ଗେ ସଙ୍ଗେ ଛୁଟି ଯାଆନ୍ତି । ଖାଇବା, ପିଇବା ଭୁଲି ସେ ଗୋରୁଙ୍କ ଚିକିତ୍ସାରେ ଲାଗି ପଡ଼ନ୍ତି । ସେବା ମନୋଭାବ ପାଇଁ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦିଏ, ହେଲେ ଏସବୁକୁ ତାରାକାନ୍ତ ଭ୍ରୁକ୍ଷେପ କରନ୍ତି ନାହିଁ । ତାଙ୍କ ନଜରରେ ଗୋରୁ ଗାଈଙ୍କ ଜୀବନ ବି ମଣିଷ ଜୀବନ ସହ ସମାନ । ପ୍ରତି ମାସକୁ ସେ ଶତାଧିକ ଅସୁସ୍ଥ ଗୋରୁଙ୍କ ଚିକିତ୍ସା କରୁଛନ୍ତି । ଚିକିତ୍ସା ପାଇଁ ସେ କାହାକୁ ଟଙ୍କାଟେ ମାଗନ୍ତି ନାହିଁ । ବରଂ ନିଜ ଦରମାରୁ କାଟି ସେ ଗୋରୁଙ୍କ ସେବାରେ ଲଗାନ୍ତି । ୨୩ ବର୍ଷ ଭିତରେ ହଜାର ହଜାର ଗାଈ, ଗୋରୁ ଓ ଷଣ୍ଢଙ୍କର ଚିକିତ୍ସା ସେ କରିସାରିଲେଣି ।

ଭୁବନେଶ୍ୱର, ଚନ୍ଦକା, ବାରଙ୍ଗ ଓ ଆଖପାଖ ଅଞ୍ଚଳରେ ଯେଉଁଠି ଯେତେବେଳେ ଗୋମାତାଙ୍କ ସମ୍ପର୍କରେ ଫୋନ ଆସେ ସେ ପହଞ୍ଚି ଯାଆନ୍ତି । ଯେଉଁଠି ଅଧିକ ଚିକିତ୍ସା ଆବଶ୍ୟକ ପଡେ ସେ ପେଶାଦାର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତି । ଚିକିତ୍ସାର ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମଧ୍ୟ ଖୋଦ ବହନ କରନ୍ତି । କେବଳ ଗୋ ସେବା କାହିଁକି କୁକୁର, ମାଙ୍କଡ, ପକ୍ଷୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସେବା ମଧ୍ୟ ସେ କରୁଛନ୍ତି । ସେଥିପାଇଁ ସେ ବିଭିନ୍ନ ସମୟରେ ସମ୍ମାନିତ ହୋଇଛନ୍ତି । ସାମାଜିକ କାର୍ଯ୍ୟରେ ବଳିଷ୍ଠ ଯୋଗଦାନ ପାଇଁ ନିକଟରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି କିଛି ଯୁବ ବର୍ଗଙ୍କୁ ସମ୍ମାନିତ କରିଛନ୍ତି । ଗତବର୍ଷ ନଭେମ୍ବର ୨ରେ ତାରାକାନ୍ତଙ୍କୁ ସମ୍ମାନିତ କରିଥିଲେ ରାଜ୍ୟପାଳ ।

'ସମ୍ମାନ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇଛି । ଯାତ୍ରା ଏଇଠି ସରୁନାହିଁ । ଶେଷ ନିଃଶ୍ୱାସ ଯାଏ ସେ ଏହି କାମ କରିବେ' ବୋଲି କହିଛନ୍ତି ତାରାକାନ୍ତ ବେହେରା ।

ତାରାକାନ୍ତ ବେହେରା କୁହନ୍ତି, 'ଗୋ ସେବା ପାଇଁ ଅର୍ଥଠୁ ଅଧିକ ମନ ଦରକାର । ରୋଜଗାରର ଅଧା ଅର୍ଥ ଗୋ ସେବାରେ ଲଗେଇ ଦିଏ । ଏହା ସହିତ କିଛି ବନ୍ଧୁ ମଧ୍ୟ ସହଯୋଗ କରନ୍ତି ।'

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମୋଦିଙ୍କ ମାଲେସିଆ ଗସ୍ତ ଦୁଇ ଦେଶକୁ ମଜବୁତ ବନ୍ଧନରେ ବାନ୍ଧିପାରିଛି

ମୋଦିଙ୍କ ମାଲେସିଆ ଗସ୍ତ ଦୁଇ ଦେଶକୁ ମଜବୁତ ବନ୍ଧନରେ ବାନ୍ଧିପାରିଛି। ଏହି ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ୧୧ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ୫ଟି ବଡ଼ ଘୋଷଣା ବି କରାଯାଇଛି । ଦୁଇଦେଶର ପ୍ରତିନିଧି ସ୍ତରୀୟ ବୈଠକରେ ୧୧ ଚୁକ୍ତି ପାଇଁ ଦସ୍ତାବିଜ ଆଦାନପ୍ରଦାନ ହୋଇଛି । ଅଡିଓ-ଭିଜୁଆଲ ସହ- ନିର୍ମାଣ ନେଇ ଚୁକ୍ତି ହୋଇଛି । ଏହାଦ୍ୱାରା ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହନ ମିଳିବ। ଫଳରେ ସାଂସ୍କୃତିକ ବିନିମୟ ବଢ଼ିବ । ବିପର୍ଯ୍ୟୟ ପରିଚାଳନା ପାଇଁ ସମନ୍ୱୟ ବଢ଼ାଇବା ପାଇଁ ଚୁକ୍ତି ହୋଇଛି। ଦୁର୍ନୀତି ନିରୋଧୀ ପଦକ୍ଷେପରେ ସମନ୍ୱୟ ବଢ଼ାଇବା ଲାଗି ଏମ୍‌ଓୟୁ ହୋଇଛି । ଏଥିରେ ସୂଚନା ଆଦାନ ପ୍ରଦାନ ହୋଇପାରିବ । ଜାତିସଂଘ ଶାନ୍ତି ବୁଝାମଣାକୁ ବଳିଷ୍ଠ କରିବା ନେଇ ସହମତି ହୋଇଛି । ସେମିକଣ୍ଡକ୍ଟର କ୍ଷେତ୍ରରେ ସମନ୍ୱୟ ବଢ଼ାଇବା ଲାଗି ଏକ ଢାଞ୍ଚା ପ୍ରସ୍ତୁତ ପାଇଁ ଚୁକ୍ତି ହୋଇଛି । ଭାରତର ଆଇବିସିଏ କାର୍ଯ୍ୟକ୍ରମରେ ମାଲେସିଆ ସାମିଲ ହୋଇଛି । ଏହାଦ୍ୱାରା ବନ୍ୟଜୀବ ସଂରକ୍ଷଣକୁ ନୂଆ ବଳ ମିଳିବ । ମାଲେସିଆରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କ ପାଇଁ ସାମାଜିକ ନିରାପତ୍ତା ସୁବିଧା ଏବଂ ସମନ୍ୱୟକୁ ଆଗକୁ ବଢ଼ାଇବା ଲାଗି ଏମ୍‌ଓୟୁ ହୋଇଛି । ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପାଇଁ ଚୁକ୍ତି ହୋଇଛି । ଦକ୍ଷତା ବିକାଶ ଓ ବୈଷୟିକ ତାଲିମକୁ ଏହା ପ୍ରୋତ୍ସାହିତ କରିବ । ଜାତୀୟ ସୁରକ୍ଷା ପରିଷଦ ମଧ୍ୟରେ ନିରାପତ୍ତା ସମନ୍ୱୟ ଲାଗି ସହମତି ହୋଇଛି । ସ୍ୱାସ୍ଥ୍ୟସେବା, ଚିକିତ୍ସା ଗବେଷଣା ଓ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ସମନ୍ୱୟକୁ ନିବିଡ଼ କରିବା ସକାଶେ ଚୁକ୍ତି ହୋଇଛି । ଦଶମ ମିଳିତ ମାଲେସିଆ-ଭାରତ ସିଇଓ ଫୋରମ୍ ରିପୋର୍ଟ ଦୁଇଦେଶର ବରିଷ୍ଠ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ଏଥିରେ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ମଜଭୁତ କରିବା ଲାଗି ଆବଶ୍ୟକ ସୁପାରିସ ବାବଦରେ ଦର୍ଶାଯାଇଛି । ୫ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା ବି କରାଯାଇଛି । ପ୍ରଥମତଃ ମାଲେସିଆରେ ଭାରତୀୟ କନସୁଲେଟ ଜେନେରାଲ ସ୍ଥାପନ ନେଇ ଘୋଷଣା ହୋଇଛି । ୟୁନିଭର୍ସିସିଟି ମାଲୟଠାରେ ଏକ ଉତ୍ସର୍ଗୀକୃତ ଥିରୁଭଲ୍ଲୁଭର ସେଣ୍ଟର ସୃଷ୍ଟି ହେବ । ମାଲେସୀୟ ନାଗରିକଙ୍କ ସକାଶେ ଇନ୍‌ଷ୍ଟିଚ୍ୟୁସ ଅଫ୍ ଥିରୁଭଲ୍ଲୁଭର ମେଧାବୃତ୍ତି ଘୋଷଣା ହୋଇଛି । ଏନ୍‌ପିସିଆଇ ଇଣ୍ଟରନ୍ୟାସନାଲ ପେମେଣ୍ଟସ ଲିମିଟେଡ (ଏନ୍‌ଆଇପିଏଲ୍) ଏବଂ ମାଲେସିଆର ପେ'ନେଟ୍ ମଧ୍ୟରେ ସୀମାପାର ପେମେଣ୍ଟ ପାଇଁ ଚୁକ୍ତିନାମା ଘୋଷଣା ହୋଇଛି । ୟୁନିଭର୍ସିଟି ଅଫ୍ ସାଇବରଜୟା ଏବଂ ଭାରତର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଇନ୍ ଆୟୁର୍ବେଦ ମଧ୍ୟ ଏମ୍‌ଓୟୁ ଘୋଷଣା ହୋଇଛି । ମୋଦି ଓ ଇବ୍ରାହିମଙ୍କ ଉପସ୍ଥିତିରେ ଏମ୍‌ଓୟୁ ଆଦାନପ୍ରଦାନ ହୋଇଛି । ଏହି ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ମହତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ମୋଦି କହିଛନ୍ତି, ଆଜି ଆମର ସହଯୋଗ କୃଷି ଓ ବିନିର୍ମାଣଠାରୁ ଆରମ୍ଭ କରି ସ୍ୱଚ୍ଛ ଶକ୍ତି ଏବଂ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମଜଭୁତ ହୋଇଛି । ଦକ୍ଷତା ବିକାଶ ଓ କ୍ଷମତା ନିର୍ମାଣରେ ମଧ୍ୟ ଆମେ ମହତ୍ୱପୂର୍ଣ୍ଣ ଭାଗୀଦାର । ଆମର ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ଲଗାତର ସୁଦୃଢ଼ ହେବାରେ ଲାଗିଛି ।

# ପ୍ରବନ୍ଧର ସ୍ୱର ଓ ସିଦ୍ଧାନ୍ତ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଆମ ବହିଃପ୍ରକୃତିରେ ଆମେ ଶୁଣୁ ଜଳପ୍ରବାହ, ବାୟୁପ୍ରବାହର ସ୍ୱର, ପଶୁପକ୍ଷୀଙ୍କ ସ୍ୱର । ଆମ ନିଜ ସ୍ୱର ଆମେ ନିଜେ ଶୁଣୁ, ଅନ୍ୟମାନେ ଶୁଣନ୍ତି । ସବୁ ସ୍ୱରରେ ଜୀବନର ଆବାହନ, ଆହ୍ୱାନ ଥାଏ । ବିଶ୍ୱସାହିତ୍ୟରେ ଯେଉଁମାନେ ପ୍ରବନ୍ଧ ଲେଖନ୍ତି, ସେମାନଙ୍କ ପ୍ରବନ୍ଧରେ ସେହି ସ୍ୱର ହିଁ ଶୁଣିବାକୁ ମିଳେ : ଜୀବନର ସ୍ୱର । ଜଳପ୍ରବାହ, ବାୟୁପ୍ରବାହ, ପଶୁ-ପକ୍ଷୀ-ମଣିଷ ସମସ୍ତଙ୍କ ସ୍ୱରରେ ଅମୃତ ଭରିରହିଥାଏ । ଗୋଟେ ଉତ୍ତମ ମୌଳିକ ପ୍ରବନ୍ଧ ସେହି ଅମୃତକୁ ହିଁ ଆଧାର କରି ରଚିତ ହୋଇଥାଏ । ସେପରି ପ୍ରବନ୍ଧ ଆମକୁ ଦର୍ଶାଇଦିଏ ଆମ ଜୀବନ-ସ୍ରୋତ ସଶବ୍ଦ ଧାଉଁଛି ଅମୃତ ଅଭିମୁଖେ ।

ମଣିଷ ତା'ର ଚତୁଃପାର୍ଶ୍ୱରେ ଲକ୍ଷ୍ୟ କରେ ଜୀବନ ବଞ୍ଚିବା ପାଇଁ କେତେ ସଂଗ୍ରାମ, କେତେ ଶ୍ରମ, କେତେ ସାଧନା । ସୃଷ୍ଟିର ସକଳ ଜୀବ ପାଇଁ ଜୀବନ ଅମୃତମୟ । ମଣିଷ ଚାରାଟିଏ ରୋପଣ କରେ, ତା' ମୂଳରେ ପାଣି ଢାଳେ, ସୌର ଆଲୋକ ଉତ୍ତାପ ପ୍ରଭାବରେ ଚାରା ହୁଏ ଗୋଟେ ଗଛ, ଶାଖା ପ୍ରଶାଖା ଲମ୍ବିଯାଏ, ଫୁଲ ଫୁଟେ, କଷି ଫଳ କ୍ରମଶଃ ପାଚେ, ଫୁଲ ଫଳକୁ ବ୍ୟବହାର କରନ୍ତି ପ୍ରାଣିମାନେ । ମଣିଷ ସେହିପରି କେତେ ନା କେତେ ଭୂମିକାରେ ଅଭିନୟ କରୁଥାଏ – ଶିଶୁ, କିଶୋର, ଯୁବକ, ପ୍ରୌଢ଼, ବୃଦ୍ଧ । ତେବେ ଗଛ ହେଉ କି ମଣିଷ, ସମସ୍ତଙ୍କ ଜୀବନରେ ଉପରୋକ୍ତ ପ୍ରତ୍ୟେକଟି ସୋପାନ ଅମୃତମୟ । ବିଶ୍ୱସାହିତ୍ୟରେ ଯେତେ ଉତ୍ତମ ପ୍ରବନ୍ଧ ଲେଖାଯାଇଛି, ସବୁଥିରେ ସେହି ନିର୍ଦ୍ଦିଷ୍ଟ ଆହ୍ୱାନର ସ୍ୱରଟି ଶୁଣିବାକୁ ମିଳେ ।

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ନିକଟରେ ଗୋଟେ ଗାଁର ନାଁ 'ଅଭର୍ସ ସୁର୍‌ଓଇସେ' । 'ଜଣେ କଳାକାରଙ୍କ ସ୍ୱର୍ଗ' ଭାବରେ ପ୍ରସିଦ୍ଧି ଅର୍ଜନ କରିଛି ଗାଁଟି । ଯେହେତୁ ପ୍ରସିଦ୍ଧ ଚିତ୍ରକର ଭିନ୍‌ସେଣ୍ଟ ଭ୍ୟାନ୍ ଗଗ୍ ସେଠି ତାଙ୍କ ଜୀବନର ଶେଷ କେତେ ଦିନ ଅତିବାହିତ କରିଥିଲେ ଓ ଶେଷ ଚିତ୍ରଟି ଅଙ୍କନ କରିଥିଲେ । ତା'ର ଶୀର୍ଷକ ରଖିଥିଲେ 'ଟ୍ରି ରୁଟ୍ସ' (ଗଛର ମୂଳ ବା ଚେର) । ଅଭର୍ସ ଗାଁର ଗୋଟେ ପାହାଡ଼ରୁ ବାହାରକୁ ବାହାରିଆସିଥିବା ଗଛର ମୂଳ ବା ଚେର ସହିତ ଚିତ୍ରଟିର ସାଦୃଶ୍ୟ ରହିଥିଲା । ଗବେଷକ ଓ ପ୍ରାବନ୍ଧିକ ଓଉଟର୍ ଭ୍ୟାନ୍ ଡର୍ବିନ୍‌ଙ୍କ ମତରେ ଭ୍ୟାନ୍‌ଗଗ୍ ସେହି ଚିତ୍ରଟିରେ ଗଛର ଚେରଗୁଡ଼ିକୁ ଛନ୍ଦାଛନ୍ଦି କରି ଅଙ୍କନ କରିଛନ୍ତି ଯାହା ସୂଚାଇଦେଉଛି 'ଦି ଷ୍ଟ୍ରଗଲ୍ ଅଫ୍ ଲାଇଫ୍ ଆଣ୍ଡ୍ ଏ ଷ୍ଟ୍ରଗଲ୍ ଉଇଥ୍ ଡେଥ୍' ଅର୍ଥାତ୍ 'ଜୀବନର ସଂଘର୍ଷ ଓ ମୃତ୍ୟୁ ସହିତ ସଂଘର୍ଷ' । ଯାକୁ ଆଧାର କରି କେତେ ପ୍ରବନ୍ଧ ଲେଖାସରିଲାଣି, ଆହୁରି ଲେଖାହେବ ମଧ୍ୟ । ଜୀବଜଗତରେ ସମସ୍ତେ ଜୀବନରେ ସଂଘର୍ଷ କରନ୍ତି ବଞ୍ଚିବା ପାଇଁ, ଏପରିକି ମୃତ୍ୟୁ ସହିତ ସଂଘର୍ଷ କରନ୍ତି ବଞ୍ଚିବା ପାଇଁ । ବଞ୍ଚିବାର ରାହା ଅନ୍ୱେଷଣ କରିବା ଜୀବନର ସ୍ୱର ଓ ସିଦ୍ଧାନ୍ତ । ତେଣୁ ସ୍ୱାଭାବିକ ଭାବରେ ତାହାହିଁ ଗୋଟେ ଉତ୍ତମ ପ୍ରବନ୍ଧର ସ୍ୱର ଆଉ ସିଦ୍ଧାନ୍ତ ବୋଲି ପ୍ରାବନ୍ଧିକ ଭ୍ୟାନ୍ ଡର୍ବିନ୍ କହନ୍ତି ।

ପୃଥିବୀରେ ଅନେକ ବିନାଶକାରୀ ଘଟଣା ଘଟିଯାଇଛି ଓ ଯାଉଛି । ତେବେ ଏପରି କେତେକ ବିରଳ ଘଟଣା ଅଛି, ଯେଉଁଥିରେ ବିଭିନ୍ନ ଯାନ ଗୁରୁତର ଦୁର୍ଘଟଣାଗ୍ରସ୍ତ ହୋଇଛି, କିନ୍ତୁ ଆଶ୍ଚର୍ଯ୍ୟର କଥା ପ୍ରତି କ୍ଷେତ୍ରରେ ଜଣେ ମାତ୍ର ଯାତ୍ରୀ ବଞ୍ଚିଯାଇଛନ୍ତି, ଅନ୍ୟ ସମସ୍ତେ ପ୍ରାଣ ହରାଇଛନ୍ତି । ସେହି ଜଣେ ଜଣେ ଜୀବିତ ବ୍ୟକ୍ତିଙ୍କ ତାଲିକାରେ ଅଛନ୍ତି ଜୁଲିଏନ୍ କୋଏପ୍‌କି (ଡିସେମ୍ବର ୨୪, ୧୯୭୧), ଭେସ୍‌ନା ଭୁଲୋଭିକ୍ (ଜାନୁଆରୀ ୨୬, ୧୯୭୨), ସେସେଲିଆ ସିକାନ୍ (ଅଗଷ୍ଟ ୧୬, ୧୯୮୭), ବାହିଆ ବାକାରୀ (ଜୁନ୍ ୩୦, ୨୦୦୯), ରୁବେନ୍ ଭ୍ୟାନ୍ ଆଶୋଉ (ମେ ୧୨, ୨୦୧୦), ବିଶ୍ୱାସ କୁମାର ରମେଶ (ଜୁନ୍ ୧୨, ୨୦୨୫) । ପ୍ରତ୍ୟେକେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ କହିଛନ୍ତି, 'ଜାଣିନାହିଁ କିପରି ମୁଁ ବଞ୍ଚିଗଲି !' ଲେଖକ ବିଜୟ ହାଶିଆ ନିଜର ଏକ ମନନଶୀଳ ପ୍ରବନ୍ଧରେ ଦର୍ଶାଇଛନ୍ତି, 'ଏସବୁ ହେଉଛି ଗୋଟେ ଗୋଟେ ଚମତ୍କାର ବା ମିରାକଲ୍, ଯାହା କାର୍ଯ୍ୟ-କାରଣ ଓ ମାନବୀୟ ଜ୍ଞାନର ଉର୍ଦ୍ଧ୍ୱରେ । ବାସ୍ତବିକତାରେ ଲୁକ୍କାୟିତ ଗଭୀରତାକୁ ମଣିଷ ପୂର୍ଣ୍ଣମାତ୍ରାରେ ବୁଝିବାକୁ ଆଜିପର୍ଯ୍ୟନ୍ତ ବାକିଅଛି ।' ତେବେ ସେ ଯାହାହେଉ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ମଣିଷ ବଞ୍ଚିରହି କେତେ ଆନନ୍ଦ ଅନୁଭବ କରୁଛି ସତରେ ! ସୁତରାଂ ବଞ୍ଚିବାର ଆକର୍ଷଣ ଅନନ୍ୟ, ଅନନ୍ତ । ବିଶ୍ୱସାହିତ୍ୟରେ ପ୍ରତ୍ୟେକ ଉତ୍ତମ ପ୍ରବନ୍ଧର ତାହାହିଁ ସ୍ୱର ଓ ସାର ।

ଏପର୍ଯ୍ୟନ୍ତ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇଗଲାଣି, ଅକଳନ ଧନଜୀବନର କ୍ଷୟ ହେଲାଣି । ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ରଚନା ହୋଇଛି ରାଶିରାଶି କବିତା, କାହାଣୀ, ନାଟକ, ପ୍ରବନ୍ଧ । ତେବେ ପ୍ରବନ୍ଧ-ସାହିତ୍ୟ ଏପରି ଏକ ମାଧ୍ୟମ, ଯାହା ଜରିଆରେ ପ୍ରାବନ୍ଧିକମାନଙ୍କର ବିଚାର ବ୍ୟକ୍ତ ହୋଇଛି ଖୁବ୍ ପ୍ରତ୍ୟକ୍ଷ ଭାବରେ ପ୍ରଭାବୀ ଢଙ୍ଗରେ 'ଯୁଦ୍ଧ' ବିପକ୍ଷରେ ଆଉ 'ଶାନ୍ତି' ସପକ୍ଷରେ । ପ୍ରକୃଷ୍ଟ ଦୃଷ୍ଟାନ୍ତ ବିଂଶ ଶତାବ୍ଦୀରେ ଜୀବନ-ଦର୍ଶନ ଓ ଚିନ୍ତନର ସଂସ୍ଥାପକ ପ୍ରାବନ୍ଧିକ ବେଟ୍ରାଣ୍ଡ ରସେଲ୍ । ରସେଲ୍‌ଙ୍କର 'ଫିଲୋସୋଫିକାଲ୍ ଏସେଜ୍', 'ଆନାଲିସିସ୍ ଅଫ୍ ମାଇଣ୍ଡ୍', 'ଏ ଫ୍ରି ମ୍ୟାନ୍ସ ୱର୍ସିପ୍' ଇତ୍ୟାଦି ପ୍ରବନ୍ଧ-ସଂକଳନରେ ରହିଛି ଅମୃତବାଣୀ : ଜ୍ଞାନ ଅନ୍ୱେଷଣର ସାଧନା, ପରସ୍ପର ଶ୍ରଦ୍ଧାଭାବ ଜାଗରଣର ପ୍ରେରଣା, ମାନବଜାତିର ଦୁଃଖରେ ଦରଦଭାବ ପ୍ରକଟ ନିମିତ୍ତ ଗୋଟେ ହୃଦୟର ସର୍ଜନା, ଛପି ରହିଥିବା ସତ୍ୟକୁ ଲୋକଦୃଷ୍ଟିକୁ ଆଣିବା ନିମିତ୍ତ ଭୟଶୂନ୍ୟ ଉଦ୍‌ଘୋଷଣା, ଦୁନିଆକୁ ଗଭୀର ଭାବରେ ବୁଝିବାର ଉଦ୍ଦୀପନା ଇତ୍ୟାଦିର ଅମୃତବାଣୀ । ଶିକ୍ଷାରେ ନୂଆ ବିଚାରର ଅଗ୍ରଦୂତ, ଶାନ୍ତିର ପ୍ରଚାରକ ରସେଲ୍‌ଙ୍କ ପ୍ରବନ୍ଧଗୁଡ଼ିକ ଆମକୁ କହନ୍ତି, ଯୁଦ୍ଧକାମୀ ଭୂତ ନହୋଇ ଶାନ୍ତିକାମୀ ଦୂତ ହୁଅ। ବିଜ୍ଞାନକୁ ବିନାଶ ପାଇଁ ନୁହଁ, ବିକାଶ ପାଇଁ ବ୍ୟବହାର କର । ପ୍ରଯୁକ୍ତିବିଦ୍ୟାକୁ ଜୀବନ-ଉପଭୋଗ ପାଇଁ ନୁହଁ ଜୀବନ-ଉପଯୋଗ ପାଇଁ ପ୍ରୟୋଗ କର । ଜଗତ୍-ବେଦୀରେ ଜୀବନର ଆବାହନ କର, ବଞ୍ଚିବାର ଆୟୋଜନ କର, ଅମୃତ-ଯଜ୍ଞର ଅନୁଷ୍ଠାନ କର । ତୁମ ସ୍ୱରରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମଧୁ ସଂଚାର ହେଉ, ସକାରାତ୍ମକତା ହେଉ ତୁମ ଜୀବନ-ଲେଖର ସିଦ୍ଧାନ୍ତ ।

ପ୍ରବନ୍ଧର ସ୍ୱର ଆଦର୍ଶନିଷ୍ଠ ହେବା ମୂଳରେ ପ୍ରାବନ୍ଧିକଙ୍କର ରଚନାତ୍ମକ ଦୃଷ୍ଟିଟି ଅବଶ୍ୟ ରହିଥାଏ । ମଣିଷର ଅନ୍ତରରେ ସ୍ୱର୍ଗୀୟ ଓ ନାରକୀୟ ଉଭୟ ପ୍ରବୃତ୍ତି ଥାଏ । ଯାହା ସ୍ୱର୍ଗୀୟ ବା ଦିବ୍ୟ ତାହା ମାନବୀୟ ଆଦର୍ଶ । ସେହି ଆଦର୍ଶକୁ ଭିତ୍ତି କରି ମଣିଷର ଜୀବନ ଓ ଜଗତ୍‌ର ଗଠନ ପ୍ରକ୍ରିୟା ଚାଲୁଥାଉ, ଏହାହିଁ ଉତ୍ତମ ପ୍ରବନ୍ଧର ସ୍ୱର ଓ ରଚନାତ୍ମକ ଦୃଷ୍ଟିସମ୍ପନ୍ନ ପ୍ରାବନ୍ଧିକଙ୍କ ସ୍ୱାକ୍ଷର। ଏ ପ୍ରସଙ୍ଗରେ ସ୍ମରଣକୁ ଆସନ୍ତି ମୌଳିକ ପ୍ରବନ୍ଧକାର ଉଇଲିୟମ୍ ହାଜ୍‌ଲିଟ୍, ଯାହାଙ୍କର 'ଟେବୁଲ୍ ଟକ୍' ପ୍ରବନ୍ଧ ସଂକଳନରେ ସାହିତ୍ୟ, ଦର୍ଶନ, ରାଜନୀତି, ସମାଜ, ମାନବ-ପ୍ରକୃତି, ନୈତିକତା ଓ ଅନ୍ୟାନ୍ୟ ଅନେକ ଦିଗ ଦିଗନ୍ତର ବର୍ଣ୍ଣବିଭା ପରିସ୍ଫୁଟ ହୁଏ । ମାନବୀୟ ଆଦର୍ଶ ତାଙ୍କ ପ୍ରବନ୍ଧଗୁଡ଼ିକର ମହତ୍ୱପୂର୍ଣ୍ଣ ଆଧାର । ହାଜ୍‌ଲିଟ୍ କହନ୍ତି, ସୁଖ ମଣିଷର ଅନ୍ତରରୁ ଆସେ, ବାହାରୁ ନୁହେଁ । କ୍ଷଣିକ ବାହ୍ୟ ଆନନ୍ଦ ଜରିଆରେ ନୁହଁ, ଜୀବନର ଅର୍ଥ ଓ ଉଦ୍ଦେଶ୍ୟକୁ ବୁଝିବା ଜରିଆରେ ହିଁ ସୁଖ ମିଳେ । ଜୀବନକୁ ଭଲପାଇବାର ଅର୍ଥ ସୁବିଧା ବା ସୁଖ ଭୋଗ ନୁହଁ, ଦୁଃଖ କଷ୍ଟ ସହିତ ରହିବାର ଦୃଢ଼ ଇଚ୍ଛାକୁ ବୁଝାଏ ।

'ଏ ଲେଟର୍ ଟୁ ଏ ସ୍କୁଲ୍ ବୟ୍' ପ୍ରବନ୍ଧରେ ହାଜ୍‌ଲିଟ୍ ନିଜ ପୁଅକୁ ଯେତେ ଯେତେ ପରାମର୍ଶ ଦେଇଛନ୍ତି ସେଥିରୁ କେତୋଟିର ମର୍ମ ଏହିପରି, 'ଅନ୍ୟମାନଙ୍କୁ ଦୋଷ ଦିଅ ନାହିଁ ଅର୍ଥାତ୍ ଦୋଷଦର୍ଶୀ ହୁଅ ନାହିଁ । ଅନ୍ୟମାନଙ୍କ ସହିତ ମିଳିମିଶି କାମ କର । କଠିନ ପରିସ୍ଥିତିରେ ସଫଳତା ପ୍ରାପ୍ତି ନିମିତ୍ତ ନିରନ୍ତର ପ୍ରୟାସ କର । ଆଶାବାଦୀ ଦୃଷ୍ଟିକୋଣ ରଖ ଅର୍ଥାତ୍ ଜୀବନର ସକାରାତ୍ମକ ଦିଗ ପ୍ରତି ଧ୍ୟାନ କେନ୍ଦ୍ରିତ କର। ଶିକ୍ଷା ଗ୍ରହଣରେ ଆନନ୍ଦ ଅନୁଭବ କର । ସ୍ୱାସ୍ଥ୍ୟ ଓ ଉତ୍ତମ ମନୋବଳ ବହିରୁ ମିଳୁଥିବା ଶିକ୍ଷା ଭଳି ମହତ୍ୱପୂର୍ଣ୍ଣ । ଅନ୍ୟମାନଙ୍କ ପ୍ରତି ମିତ୍ରବତ୍, ସମ୍ମାନଜନକ ବ୍ୟବହାର କର । ସେମାନଙ୍କ ଅସ୍ତିତ୍ୱ ଓ ଦୃଷ୍ଟିକୋଣକୁ ମାନ୍ୟତା ଦିଅ । ନିଜକୁ କୋଟିପତି ବା ଏକଛତ୍ରବାଦୀ ବିଚାର କର ନାହିଁ । ଅନ୍ୟ ସମସ୍ତଙ୍କ ଭଳି ତୁମେ ଜଣେ ମଣିଷ । ସମଦର୍ଶୀ ହୁଅ । ପ୍ରକୃତ ସମାନତା ହେଉଛି କେବଳ ପ୍ରକୃତ ନୈତିକତା ଓ ପ୍ରକୃତ ବୁଦ୍ଧିମତ୍ତା ।' ହାଜ୍‌ଲିଟ୍‌ଙ୍କର ଅନେକ ପ୍ରବନ୍ଧ ବିଶେଷତଃ 'ଆନ୍ ଏସେ ଅନ୍ ଦି ପ୍ରିନ୍‌ସିପୁଲ୍ସ ଅଫ୍ ହ୍ୟୁମାନ୍ ଆକ୍‌ସନ୍' ମଣିଷର ଚରିତ୍ର-ସ୍ୱଭାବ-ସତ୍ୟନିଷ୍ଠାର ମହତ୍ତ୍ୱ ଆଧାରିତ । ହାଜ୍‌ଲିଟ୍ କହନ୍ତି, ମଣିଷର ଜୀବନ ଏତେ ମୂଲ୍ୟବାନ୍ ଯେ ତା'ର ଉପଯୁକ୍ତ ଗଠନ ନିମିତ୍ତ ଜୀବନ ପ୍ରତି ସନ୍ତୁଳିତ ଦୃଷ୍ଟିକୋଣ, ଆତ୍ମ-ଜାଗରୂକତା, ବ୍ୟକ୍ତିଗତ ଦାୟିତ୍ୱବୋଧ, ସାମାଜିକ କୌଶଳ ପ୍ରଶିକ୍ଷଣ ଆବଶ୍ୟକ । ମଣିଷ-ଜନ୍ମ ମହତ୍ୱପୂର୍ଣ୍ଣ । କିନ୍ତୁ ଏକ ଅର୍ଥପୂର୍ଣ୍ଣ ମଣିଷ-ଜୀବନ ବଞ୍ଚିବା ଆହୁରି ଅଧିକ ମହତ୍ୱପୂର୍ଣ୍ଣ, ଯାହାର ମାର୍ଗଦର୍ଶନ ରହିଛି ହାଜ୍‌ଲିଟ୍‌ଙ୍କ ପ୍ରବନ୍ଧଗୁଡ଼ିକରେ । ପ୍ରବନ୍ଧ-ସାହିତ୍ୟ ସଳଖ ଭାବରେ ସୂଚାଇଦେଉଛି ଓ ଆମକୁ ସଚେତ କରାଇଦେଉଛି ଯେ ଆମ ଜୀବନର ସ୍ରୋତ ଆଦୌ ନିଃଶବ୍ଦରେ ମୃତ୍ୟୁ ଆଡ଼କୁ ଧାଉଁ ନାହିଁ, ବରଂ ସଶବ୍ଦରେ ଅମୃତ ଆଡ଼କୁ ଧାଉଁଛି । ଅମୃତର ଉପଲବ୍ଧି ହେଉଛି ଏକ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବା, ଯାହା ଗୋଟେ ଉତ୍ତମ ପ୍ରବନ୍ଧର ଉଚ୍ଚାରଣ ଓ ଉପସଂହାର ।

ମଣିଷ ଗୋଟେ ସମାଜରେ ବାସକରେ, ନିଜର ସ୍ଥିତି ସଚେତନ ହୁଏ, ସମାଜମନସ୍କ ହୁଏ। ବଞ୍ଚିବାର ମାଧ୍ୟମଟିଏ ସ୍ଥିର କରେ, ବଞ୍ଚେ । କିନ୍ତୁ ସତ୍ୟ ପ୍ରତି ତା'ର ପ୍ରତିବଦ୍ଧତା ଯେତେ ଅଧିକ ହୁଏ, ସମାଜ ସେତେ ଅଧିକ ଶୁଦ୍ଧ, ଶୃଙ୍ଖଳିତ ହୁଏ । ମଣିଷର ଚୈତନ୍ୟ ଯେତେ ଉର୍ଦ୍ଧ୍ୱଗାମୀ ହୁଏ, ଚିନ୍ତନ ଯେତେ ଉଦ୍ଭାବନକ୍ଷମ ହୁଏ, ଚରିତ୍ର ଯେତେ ଉନ୍ନତ ହୁଏ, ଏତଦ୍ୱାରା ସମଗ୍ର ସମାଜ ସେତେ ଉପକୃତ ହୁଏ । ମଣିଷ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାକୁ ଭବ୍ୟ ଭୂମିଟିଏ ପ୍ରସ୍ତୁତ କରେ । ଏହି ପୃଷ୍ଠଭୂମିରେ ପ୍ରାବନ୍ଧିକ ଆଡିସନ୍ ଲେଖନ୍ତି ଗୋଟେ ପ୍ରବନ୍ଧ, ଯା'ର ଶୀର୍ଷକ 'ଗୁଡ୍ ନେଚର୍' (ସତ୍ ସ୍ୱଭାବ), ଯେଉଁଥିରେ ସେ କହନ୍ତି ମଣିଷର ସତ୍ ସ୍ୱଭାବ ସାମାଜିକ ସମ୍ବନ୍ଧକୁ ଅଧିକ ସୁଖଦ କରେ, ଦୁନିଆର ଦୁଃଖ ହ୍ରାସ କରିବାରେ ସହାୟତା କରେ । ସୁତରାଂ ମଣିଷର ମନୋଭୂମି ଶାନ୍ତ, ଶୀତଳ ହେଉ, ମଣିଷ-ମଣିଷର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେଉ, ଗୋଟେ ଅମୃତମୟ ସାମୂହିକ ଜୀବନ ବଞ୍ଚିବାର ଆକର୍ଷଣ ବିପୁଳରୁ ବିପୁଳତର ହେଉ ବୋଲି ଆଡିସନ୍ ଖୁବ୍ ପ୍ରଭାବୀ ଢଙ୍ଗରେ ଆମକୁ କହନ୍ତି । ଇମର୍ସନ୍ ତାଙ୍କର ଅତୀନ୍ଦ୍ରିୟବାଦ ଆଧାରିତ 'ନେଚର୍' (ପ୍ରକୃତି) ପ୍ରବନ୍ଧରେ ମଣିଷର ଅନ୍ତର୍ଜ୍ଞାନ, ଅଧ୍ୟାତ୍ମବାଦ, ଅନୁଭବର କଥା କହିବା ସହିତ କହନ୍ତି ଯେ ମଣିଷର ଆତ୍ମା ପ୍ରକୃତି ସହିତ ଜଡ଼ିତ । ମଣିଷର ସୁସ୍ଥ ଓ ସୁନ୍ଦର ଜୀବନ ବଞ୍ଚିବା ପାଇଁ ବହିଃପ୍ରକୃତି ବିପୁଳ ଉପାଦାନ ଯୋଗାଇଦେଇଛି । ବହିଃପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତି ମଧ୍ୟରେ ଥିବା ଆତ୍ମିକ ସମ୍ବନ୍ଧକୁ ସଠିକ୍ ଢଙ୍ଗରେ ଉପସ୍ଥାପନା ହେଉଛି ଗୋଟେ ଉତ୍ତମ ପ୍ରବନ୍ଧର ଆତ୍ମାର ଆହ୍ୱାନ, ଯାହା ପରିଦୃଷ୍ଟ ହୋଇଛି ଇମର୍ସନ୍‌ଙ୍କ ମନନଧର୍ମୀ ପ୍ରବନ୍ଧଗୁଡ଼ିକରେ । ଉତ୍ତମ ପ୍ରବନ୍ଧ କହିଲେ ଆମେ ବୁଝୁନ୍ତି ଯାହାକୁ ପଢ଼ିଲେ ମଣିଷର ମନ ଉତ୍ତରିତ ହୋଇଯାଏ ସେହି ସ୍ତରକୁ ଯେଉଁଠି ସେ ଜୀବନର ସ୍ପନ୍ଦନ ଅନୁଭବ କରେ ଓ ଗୋଟେ ଅମୃତମୟ ଜୀବନ ବଞ୍ଚିବାର ବିଭୂତିରେ ବିଭୋର ହୁଏ ।

ଜୀବନ ବଞ୍ଚିବାର ବିବିଧ ଅନୁଭୂତି ମଣିଷକୁ ଅନୁଭବୀ କରେ । ବହିଃପ୍ରକୃତିର ରୂପ, ରଙ୍ଗ, ରସ ତା'ର ଅନ୍ତଃକରଣକୁ ବହୁଭାବରେ ପ୍ରଭାବିତ କରେ । ତା'ର ଶିକ୍ଷା, ସଂସ୍କୃତି, ଜୀବନଶୈଳୀ, ସମାଜମନସ୍କତା ସମନ୍ୱିତ ହୋଇ ଆପେ ଆପେ ଗୋଟେ ଜୀବନ-ଦର୍ଶନ ଗଢ଼ି ହେଇଯାଏ । ଜୀବନ-ଦର୍ଶନର ଗହୀରରେ ଥାଏ ମଣିଷର ଧର୍ମ (ମଣିଷତ୍ୱ ଆଧାରିତ ଧର୍ମ), ଧାରଣା (ଜୀବଜଗତ ସମ୍ବନ୍ଧୀୟ ସାତ୍ତ୍ୱିକ ଭାବ), ଧ୍ୟାନ (ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବା ନିମିତ୍ତ ଏକାଗ୍ର ଦୃଷ୍ଟି), ଧୀଶକ୍ତି (ସତ୍ୟାନୁସରଣ ପାଇଁ ବିଚାରବୋଧ) ଓ ଧୃତି (ଜୀବନ-ସଂଗ୍ରାମ ମୂଳରେ ଆବଶ୍ୟକ ଧୈର୍ଯ୍ୟ) । ଏପରି ଧର୍ମ, ଧାରଣା, ଧ୍ୟାନ, ଧୀଶକ୍ତି, ଧୃତି ବଳରେ ମଣିଷ ଗୋଟେ ଅଧ୍ୟାତ୍ମ ଜୀବନ ବଞ୍ଚିପାରିବ ବୋଲି ସର୍ବପଲ୍ଲୀ ରାଧାକୃଷ୍ଣନ୍ ତାଙ୍କର 'ରିକଭରି ଅଫ୍ ଫେଥ୍' ପ୍ରବନ୍ଧ ସଂକଳନରେ କହନ୍ତି । ତାଙ୍କ ମତରେ, 'ଜୀବ' ମଧ୍ୟରେ 'ପରମ' ଅଛନ୍ତି । ମଣିଷ ହେଉଛି ଶ୍ରେଷ୍ଠ ଜୀବ ଯିଏ ତାଙ୍କୁ ଉପଲବ୍ଧି କରିପାରିବ । ମଣିଷର ଅଧ୍ୟାତ୍ମ-ଜୀବନ 'ଭୀତି' (ଫିଅର୍)ରୁ ଆରମ୍ଭ ହୁଏ ଯେତେବେଳେ ସେ ଭୟକରେ ସେହି ପରମପୁରୁଷଙ୍କୁ, ଏଇଥିପାଇଁ ଯେ, ଅସତ୍ କର୍ମ କଲେ ତାଙ୍କ ଦ୍ୱାରା ଦଣ୍ଡିତ ହେବ । ଭୀତିରୁ ଆସେ 'ଭକ୍ତି' (ରେଭେରେନ୍ସ), ଭକ୍ତିରୁ 'ପ୍ରୀତି' (ଲଭ୍) ଓ ଜୀବ-ପରମ 'ସଂଯୋଗ' (କମ୍ୟୁନିଅନ୍) । ସେତେବେଳେ ଅଧ୍ୟାତ୍ମ-ଜୀବନ ଆନନ୍ଦମୟ ଜୀବନରେ ପରିଣତ ହୁଏ। ଚକ୍ରବର୍ତ୍ତୀ ରାଜଗୋପାଳଚାରୀ କହନ୍ତି, ମୁଁ ସ୍ରଷ୍ଟା-ପୁରୁଷଙ୍କୁ ଭୟ କରୁଥିବା ଓ ଫଳସ୍ୱରୂପ ଅସତ୍ କର୍ମ କରୁନଥିବା ଗୋଟେ ମଣିଷଜାତି ଚାହେଁ । କେ.ଏମ୍. ମୁନ୍‌ସୀ କହନ୍ତି, ଅଧ୍ୟାତ୍ମକୁ ମଣିଷ-ଜୀବନରୁ କାଢ଼ିନିଅ । ଜୀବନରେ ଆଉ ରହିଲା କ'ଣ ? କେବଳ କ୍ଷମତା-ଲାଳସା, ଅର୍ଥ-ଲୋଭ । ଅଧ୍ୟାତ୍ମ ବିନା ମଣିଷ ସତ୍, ସୁନ୍ଦର ଜୀବନଟିଏ ବଞ୍ଚିପାରିବ ନାହିଁ, କେବଳ କାଦୁଅ ପଙ୍କରେ ଗୋଳି ହେଉଥିବା ଘୁଷୁରି ଭଳି ବଞ୍ଚିବ । ଗୋଟେ ଅଧ୍ୟାତ୍ମ-ଜୀବନ ବଞ୍ଚିବା ହେଉଛି ସର୍ବପଲ୍ଲୀ ରାଧାକୃଷ୍ଣନ୍, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, କେ.ଏମ୍. ମୁନ୍‌ସୀଙ୍କ ପ୍ରବନ୍ଧଗୁଡ଼ିକର ଅନ୍ତଃସ୍ୱର ।

ଜୀବନର ମୂଳଦୁଆ, ଜାଗରଣର ମୂଲ୍ୟ, ବଞ୍ଚିବାର ମାଧ୍ୟମ, ସମ୍ପର୍କର ମହକ, ଜଗତ୍‌ର ମହତ୍ତ୍ୱକୁ ଅବଲମ୍ବନ କରି ବିଶ୍ୱସାହିତ୍ୟରେ ପ୍ରଚୁର ପ୍ରବନ୍ଧ ଲେଖାଯାଇଛି । ସବୁଥିରେ ଶୁଭୁଛି ସବୁ ସ୍ଥାନ ଓ ସମୟ ଉପଯୋଗୀ ସ୍ୱର ଅର୍ଥାତ୍ ସମସ୍ତ ଭୂଖଣ୍ଡ ଓ କାଳଖଣ୍ଡରେ ବାସକରୁଥିବା ମଣିଷଙ୍କ ଜୀବନ ବଞ୍ଚିବାର ସ୍ୱର। ଉତ୍କଳମଣି ଗୋପବନ୍ଧୁ ବହୁତ କବିତା ରଚନା କଲେ, ଉତ୍କଳ ଗୌରବ ମଧୁସୂଦନ ରଚନା କଲେ ଅଳ୍ପ ସଂଖ୍ୟାରେ କବିତା । ସେଥି ସହିତ ଉଭୟ ପ୍ରବନ୍ଧ ଲେଖିବାର ପ୍ରୟୋଜନୀୟତାକୁ ଅନୁଭବ କଲେ । ଯେମିତି ଅନୁଭବ କରିଥିଲେ ମହାତ୍ମା ଗାନ୍ଧିଙ୍କ ଠାରୁ ନେଲ୍‌ସନ୍ ମାଣ୍ଡେଲାଙ୍କ ପର୍ଯ୍ୟନ୍ତ ରଚନାତ୍ମକ କର୍ମୀମାନେ । ସମସ୍ତଙ୍କ ପ୍ରବନ୍ଧଗୁଡ଼ିକ ଜୀବନର ଭୂମି ଉପରେ ଜାଗୃତିର ଭୂମାକୁ ସ୍ପର୍ଶ କଲା, ବଞ୍ଚିବାର ବ୍ୟକ୍ତିଗତ ବିନ୍ଦୁରୁ ସାମୂହିକ ସମ୍ପର୍କର ବିସ୍ତାରଯାଏ ପ୍ରସରିଗଲା, ଜୀବନର ସଂଘର୍ଷ ଓ ଲକ୍ଷ୍ୟ ସାଧନରେ ଜାଗତିକ ମହତ୍ତ୍ୱର ପ୍ରକଟନ କଲା । ସେମାନଙ୍କ ରଚନାଗୁଡ଼ିକରେ ଜାତୀୟତାବାଦୀ ଦୃଷ୍ଟିଟିଏ ଅବଶ୍ୟ ଥିଲା, ଅଥଚ ତା'ରି ଭିତରେ ଗୋଟେ 'ବୈଶ୍ୱିକ ଦୃଷ୍ଟି'ର ଦିଗନ୍ତ ସ୍ୱତଃ ଉନ୍ମୋଚିତ ହୋଇଯାଉଥିଲା ।

ପ୍ରାବନ୍ଧିକ ଚିତ୍ତରଂଜନ ଦାସ ଯାକୁ 'ମେଦିନୀ ଦୃଷ୍ଟି' ବୋଲି କହନ୍ତି, ଯେଉଁ ଦୃଷ୍ଟି ବଳରେ ଜଣେ ପ୍ରାବନ୍ଧିକ ସମଗ୍ର ଜୀବଜଗତକୁ ସ୍ପଷ୍ଟ ଦେଖିପାରିବ, ସେଥିସହିତ ସମସ୍ତଙ୍କ ସ୍ୱରକୁ ସ୍ପଷ୍ଟ ଶୁଣିପାରିବ ଏବଂ ସେହି ସ୍ୱରର ସାରକୁ ସ୍ୱ-ଅକ୍ଷରରେ ଲେଖି ଯୁଗଯୁଗକୁ ସାଇତି ରଖିପାରିବ । ଜୀବନର ଆବାହନ, ଅଭିଷେକ, ଆରାଧନା ସାହିତ୍ୟର ସମସ୍ତ ବିଭାଗରେ ହୁଏ ସତ୍ୟ, କିନ୍ତୁ ପ୍ରବନ୍ଧରେ ତାହା ଏତେ ପ୍ରତ୍ୟକ୍ଷ ଓ ପରିଚ୍ଛନ୍ନ ଯେ ପ୍ରବନ୍ଧର ସ୍ୱର ଓ ସିଦ୍ଧାନ୍ତ ଖୁବ୍ ବ୍ୟାପ୍ତ ଓ ଜ୍ଞାନଦୀପ୍ତ । ପ୍ରବନ୍ଧର ପରିସର ବୃହତ୍ ହୋଇଥିବାରୁ ପ୍ରାବନ୍ଧିକର ଦୃଷ୍ଟି-କେନ୍ଦ୍ରରେ ଥାଏ ବିବିଧ ବିଚାର, ବିଶ୍ଳେଷଣ । ସିଏ ସତକୁ ସତ ଜୀବନକୁ ଦର୍ଶନ କରୁଥାଏ ସବୁଠି : ସର୍ବଂସହା ଧରିତ୍ରୀରୁ ଆରମ୍ଭ କରି ସ୍ୱୟଂଦୀପ୍ତ ସହସ୍ରଦୀଧିତି ପର୍ଯ୍ୟନ୍ତ, ସକଳ ପ୍ରାଣୀଙ୍କ ଚିତ୍ତରୁ ସୁଦୂର ଚକ୍ରବାଳ ପର୍ଯ୍ୟନ୍ତ, ପାଦପରୁ ଉତ୍ତାନପାଦ ପର୍ଯ୍ୟନ୍ତ, ମହାସମୁଦ୍ରର ବୀଚିମାଳାରୁ ଶୂନ୍ୟ ବିହାୟସ ପର୍ଯ୍ୟନ୍ତ, ମନ୍ତ୍ରରୁ ମରୁତ, ଅଗ୍ନିରୁ ଅଗ୍ନିହୋତ୍ର ପର୍ଯ୍ୟନ୍ତ ସବୁଠି । ସର୍ବତ୍ର ଶୁଭୁଥିବା ଏକ ମହାଜାଗତିକ ସ୍ୱର ହେଉଛି ପ୍ରବନ୍ଧର ସ୍ୱର । ଜୀବନ ବଞ୍ଚିବାର ଅନ୍ତହୀନ ସାଧନା ହେଉଛି ପ୍ରବନ୍ଧର ସିଦ୍ଧାନ୍ତ ।

# ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ତୃତୀୟ ବଜେଟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବଜେଟ୍ ଶବ୍ଦଟିକୁ ଶୁଣିଲେ ବହୁତ ଲୋକ କିଛି ଜାଣନ୍ତି ଆଉ ଅନେକ ଲୋକ ବଜେଟ କଣ ଶୁଣି ଆଶ୍ଚର୍ଯ୍ୟ ହୁଅନ୍ତି । ଆସନ୍ତୁ ଜାଣିବା ବଜେଟ କଣ ଆଉ ଆଜି ମୋଦୀଙ୍କ ତୃତୀୟ କାଳରେ ତୃତୀୟ ବଜେଟ ବିଷୟରେ ମଧ୍ୟ ଜାଣିବା। ବଜେଟ୍ – ଅର୍ଥାତ୍ ସରକାରଙ୍କ ହିସାବ କିତାବ ବା ଅର୍ଥ ବ୍ୟବସ୍ଥାକୁ ବୁଝାଏ । ଏହି ଶବ୍ଦ ଭାରତର ନୁହେଁ ବରଂ ଫ୍ରେଞ୍ଚ ଶବ୍ଦ ବୋଲି ସୂଚନା ରହିଛି । ଠିକ୍ ସେମିତି ବଜେଟ୍ ଅଧିବେଶନରେ ବ୍ରିଫକେସ୍‌ର ପରମ୍ପରା ବ୍ରିଟେନ୍‌ରୁ ଆସିଛି । ୧୮୬୦ ମସିହାରେ ୱିଲିୟମ ଇ ଗୋଲ୍ଡଷ୍ଟୋନ ପ୍ରଥମ ଥର ବ୍ରିଟେନ ବଜେଟ ଆଗତ କରିବା ସମୟରେ ବ୍ରିଫକେସ୍‌ର ବ୍ୟବହାର କରିଥିଲେ । ଯାହା କି ପରେ 'ଗୋଲ୍ଡଷ୍ଟୋନ ବକ୍ସ' ରୂପେ ପରିଚିତ ହୋଇଥିଲା। ଏହାପରେ ଭାରତରେ ବି ବଜେଟ୍ ଉପସ୍ଥାପନ ବେଳେ ଏହି ପରମ୍ପରା ପାଳନ ହେବାରେ ଲାଗିଛି । ସ୍ୱାଧୀନ ଭାରତରେ ୧୯୪୭ ମସିହା ନଭେମ୍ବର ୨୬ ତାରିଖରେ ପ୍ରଥମ ଅର୍ଥମନ୍ତ୍ରୀ ଆରକେ ଶନମୁଖମ ପ୍ରଥମଥର ବଜେଟ୍ ଉପସ୍ଥାପନ କରିଥିଲେ । ସେହି ସମୟରେ ବ୍ରିଫକେସର ରଙ୍ଗ ଲାଲ୍ ଥିଲା । ହେଲେ ପରବର୍ତ୍ତୀ ସମୟରେ ଯେବେ ନେହେରୁ ବଜେଟ୍ ଉପସ୍ଥାପନ କଲେ ସେବେ ଏହାର ରଙ୍ଗ ଲାଲ ପରିବର୍ତ୍ତେ କଳା ହୋଇଥିଲା । ସେବେଠୁ ଅର୍ଥମନ୍ତ୍ରୀମାନେ ନିଜ ଅନ୍ଦାଜରେ ବ୍ରିଫକେସ୍ ନେଇ ସଂସଦ ଆସୁଥିବା ଦେଖାଦେଇଛି । କଥା ହେଲା, ୨୦୧୯ ମସିହାରେ ନିର୍ମଳା ବ୍ରିଫକେସ୍ ପରମ୍ପରାକୁ ଭାଙ୍ଗିଥିଲେ । ବ୍ରିଫକେସ ପରିବର୍ତ୍ତେ ସାଙ୍ଗରେ ଆଣିଥିଲେ ଟାବଲେଟ୍ । କାରଣ ଏବେ ପେପର ଲେସ୍ ବଜେଟ୍ ଉପସ୍ଥାପନ ହେଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଯେଉଁ ଉପସ୍ଥାପନ କଲେ ଏହାର ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ । ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ତୃତୀୟ ବଜେଟ୍ ହେବ। ବଜେଟ୍ ପ୍ରସ୍ତୁତି ପୂର୍ବରୁ ଅର୍ଥମନ୍ତ୍ରୀ' ଅର୍ଥନୀତିଜ୍ଞ, ବାଣିଜ୍ୟ ସଂଘ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର, ଏମ୍.ଏସ୍.ଏମ୍.ଇ., ବାଣିଜ୍ୟ ଏବଂ ଶିଳ୍ପ, ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାରର ବିଶେଷଜ୍ଞ ଓ ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ଅଂଶିଦାରମାନଙ୍କ ସହ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ କରିଥିଲେ । କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ, କୃଷି ଏବଂ ଗ୍ରାମୀଣ ବିକାଶ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ମଧ୍ୟ ପ୍ରାକ୍ ବଜେଟ୍ ସଂକ୍ରାନ୍ତ ପରାମର୍ଶ କରିଥିଲେ ।

ଭାରତର ବଜେଟ୍ ଏହାର ବୈଦେଶିକ ନୀତି ଏବଂ ଆଞ୍ଚଳିକ ପ୍ରଭାବକୁ ଗଢ଼ିବାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ପ୍ରତିବର୍ଷ ବୈଦେଶିକ ମନ୍ତ୍ରଣାଳୟ ଅଧୀନରେ କରାଯାଉଥିବା ଆବଣ୍ଟନ ସୂଚିତ କରେ ଯେ ଭାରତ ବିକାଶ ସହଯୋଗ, ଭିତ୍ତିଭୂମି ସହାୟତା ଏବଂ ମାନବିକ ସହାୟତା ପାଇଁ କେଉଁ ଦେଶକୁ ପ୍ରାଥମିକତା ଦିଏ। ଆସନ୍ତୁ ଜାଣିବା ଭାରତର ବଜେଟରୁ କେଉଁ ଦେଶ ଲାଭ ପାଉଛନ୍ତି। ଭାରତର ବୈଦେଶିକ ସହାୟତା ତାଲିକାରେ ଭୁଟାନ ଶୀର୍ଷରେ ରହିଛି। ଏହାକୁ ୨,୧୫୦ କୋଟି ଟଙ୍କା ମିଳିଛି। ଏହି ସହାୟତା ମୁଖ୍ୟତଃ ଜଳବିଦ୍ୟୁତ ପ୍ରକଳ୍ପ, ସଡ଼କ ସଂଯୋଗ ଏବଂ ଆର୍ଥିକ ସହଯୋଗ ପାଇଁ ନିର୍ଦ୍ଦେଶିତ ଥିଲା। ନେପାଳକୁ ମଧ୍ୟ ୭ ଶହ କୋଟି ଟଙ୍କା ମିଳିଛି। ଦ୍ୱିପାକ୍ଷିକ ବିକାଶ ସହଯୋଗରେ ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରି ଏହି ଆବଣ୍ଟନ ଗତ ବର୍ଷ ତୁଳନାରେ ସ୍ଥିର ରହିଛି। ମାଳଦ୍ୱୀପକୁ ସହାୟତା ୬ ଶହ କୋଟିକୁ ବୃଦ୍ଧି କରାଯାଇଥିଲା, ଯାହା ପୂର୍ବ ସ୍ତରଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି। ଶ୍ରୀଲଙ୍କା ଏକ ଗମ୍ଭୀର ଆର୍ଥିକ ସଙ୍କଟରୁ ମୁକୁଳିବା ପରେ, ତାଙ୍କୁ ସହାୟତା ମଧ୍ୟ ୩ ଶହ କୋଟିକୁ ବୃଦ୍ଧି କରାଯାଇଥିଲା। ମିଆଁମାରକୁ ସହାୟତା ୨୫୦ କୋଟିରୁ ୩୫୦ କୋଟିକୁ ବୃଦ୍ଧି କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଚାଲିଥିବା ସଂଘର୍ଷ ମଧ୍ୟରେ ମାନବିକ ଆବଶ୍ୟକତା ଏବଂ ଭିତ୍ତିଭୂମି ଚ୍ୟାଲେଞ୍ଜକୁ ସମାଧାନ କରିବା। ବାଂଲାଦେଶ ୧୨୦ କୋଟି ପାଇଲା, ଏବଂ ଆଫଗାନିସ୍ତାନକୁ ସହାୟତା ୨୦୦ କୋଟିରୁ ହ୍ରାସ କରି ୧୦୦ କୋଟି କରାଯାଇଥିଲା। ଭାରତ ମାନବିକ ସହାୟତାରେ ତାର ସମ୍ପୃକ୍ତିକୁ ସୀମିତ ରଖିଲା। ଏହା ସହିତ, ଭାରତ ଦକ୍ଷିଣ ଏସିଆ ବାହାରେ ଏହାର ପରିସରକୁ ବିସ୍ତାର କରିଛି। ଆଫ୍ରିକୀୟ ଦେଶଗୁଡ଼ିକୁ ମୋଟ ୨୨୫ କୋଟି ମିଳିଛି। ୟୁରେସିଆ ଏବଂ ଲାଟିନ୍ ଆମେରିକା ପାଇଁ ମୋଟ ୧୦୦ କୋଟି ଆବଣ୍ଟିତ ହୋଇଥିଲା। ଲାଟିନ୍ ଆମେରିକା ପୂର୍ବରୁ ପୃଥକ ଭାବରେ ୬ ଶହ କୋଟି ପାଣ୍ଠି ପାଇଥିଲା। ଇରାନ ପାଇଁ ୧୦୦ କୋଟିର ଏକ ସ୍ୱତନ୍ତ୍ର ଆବଣ୍ଟନ ରଖାଯାଇଥିଲା। ମରିସସକୁ ସହାୟତା ସାମାନ୍ୟ ହ୍ରାସ କରାଯାଇ ୫୦୦ କୋଟି କରାଯାଇଥିଲା, ଏବଂ ସେଚେଲ୍ସକୁ ଆବଣ୍ଟନ ୧୯୦୦ କୋଟିକୁ ହ୍ରାସ କରାଯାଇଥିଲା।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରୀ ୧ ତାରିଖରେ ସଂସଦରେ ଯେଉଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ । ଏହି ବର୍ଷ ବଜେଟ୍ ପର୍ଯ୍ୟଟନ ଉପରେ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦିଆଯାଇଛି ଏବଂ ମୋଦି ସରକାର ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ନିର୍ମଳା ସୀତାରମଣ ତାଙ୍କ ବଜେଟ ଭାଷଣରେ ୬ଟି ଉତ୍ତର-ପୂର୍ବ ରାଜ୍ୟରେ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ କରିଡର ଘୋଷଣା କରିଥିଲେ । ବୌଦ୍ଧ ସର୍କିଟ କରିଡର ନାମରେ ନାମିତ ଏହି କରିଡରଟି ଅରୁଣାଚଳ ପ୍ରଦେଶ, ସିକିମ, ଆସାମ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ନିର୍ମାଣ କରାଯିବ । କରିଡର ଯୋଜନାରେ ମନ୍ଦିର ଏବଂ ମଠଗୁଡ଼ିକର ସଂରକ୍ଷଣ ପାଇଁ ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ ହେବ । ସାଧାରଣ ଜନତାଙ୍କ ପାଇଁ ସବୁଠାରୁ ବଡ଼ ଏବଂ ଆଶ୍ୱସ୍ତିକର ଖବର ହେଉଛି ଯେ ଚମଡା ଜୋତା ଏବଂ କପଡ଼ା ରପ୍ତାନି ଶସ୍ତା ହୋଇଛି । ମାଇକ୍ରୋୱେଭ, ସୌରଶକ୍ତି ସମ୍ବନ୍ଧୀୟ ଉତ୍ପାଦ ଏବଂ କର୍କଟ ଔଷଧ ମଧ୍ୟ ଶସ୍ତା ହୋଇଛି। ଏହା ଉଲ୍ଲେଖନୀୟ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ବଜେଟ ୨୦୪୭ ପାଇଁ ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ। ଏହି ବଜେଟ ଏପରି ସମୟରେ ଉପସ୍ଥାପିତ ହେଉଛି ଯେତେବେଳେ ଦେଶ ଆମେରିକା ଦ୍ୱାରା ହାଇ ଟାରିଫର ସମ୍ମୁଖୀନ ହେଉଛି ଏବଂ ବିଶ୍ୱ ଅନିଶ୍ଚିତତା ଜାରି ରହିଛି।

ଏବେ ଆସନ୍ତୁ ଜାଣିବା ଏଥର ବଜେଟରେ କ'ଣ ହୋଇଛି ଶସ୍ତା କ'ଣ ହୋଇଛି ମହଙ୍ଗା। ୨୦୨୬ ବଜେଟରେ ଖଣିଜ ପଦାର୍ଥ, ସ୍କ୍ରାପ ଏବଂ ମଦ ଅଧିକ ମହଙ୍ଗା ହୋଇଛି। ୨୦୨୬ ବଜେଟରେ, ଚମଡା, କପଡ଼ା, ବିଦେଶ ଯାତ୍ରା, ୧୭ କର୍କଟ ଔଷଧ, ମାଇକ୍ରୋୱେଭ ଓଭନ, ଜୋତା, ବିମାନ ନିର୍ମାଣ ଉପକରଣ, EV ବ୍ୟାଟେରୀ, ଡାଇବେଟିସ ବା ମଧୁମେହ ଔଷଧ, ଚମଡା ଏବଂ କପଡ଼ା ରପ୍ତାନି, ଏବଂ ବାୟୋଗ୍ୟାସ ମିଶ୍ରିତ CNG ଶସ୍ତା ହୋଇଛି। ୨୦୨୬ ବଜେଟ୍ ରେ ଓଡ଼ିଶା ପାଇଁ ମଧ୍ୟ ଘୋଷଣା କରା ଯାଇଛି। ଓଡ଼ିଶାରରେ ହେବ ଖଣିଜ ପଦାର୍ଥ କରିଡର। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁରେ ବି ସାମିଲ ହେବେ। ମାଇନିଂ, ଗବେଷଣା ଓ ଉତ୍ପାଦନ ପାଇଁ ହେବ କରିଡର। କାର୍ବନ କ୍ୟାପଚର ୟୁଟିଲାଇଜେସନ ଷ୍ଟୋରେଜ୍ (CCUS) ଲାଗୁ ହେବ -ଆଗାମୀ ୫ ବର୍ଷରେ CCUS ପାଇଁ ୨୦ ହଜାର କୋଟି ବ୍ୟୟ ହେବ। ବୟନ ଶିଳ୍ପ ପାଇଁ ମହାତ୍ମା ଗାନ୍ଧି ଗ୍ରାମ ସ୍ୱରାଜ ଯୋଜନା। ବୟନ ଶିଳ୍ପ ପାଇଁ ମହାତ୍ମା ଗାନ୍ଧି ଗ୍ରାମ ସ୍ୱରାଜ ଯୋଜନା -ମହାତ୍ମା ଗାନ୍ଧି ଗ୍ରାମ ସ୍ୱରାଜ ଯୋଜନାରେ ହେବ ଟେକ୍ସଟାଇଲ୍ ପାର୍କ -ଖଦି ଓ ହ୍ୟାଣ୍ଡଲୁମକୁ ଅଧିକ ସଶକ୍ତ କରାଯିବ। ଦେଶରେ ୭ଟି ହାଇସ୍ପିଡ୍ ରେଲୱେ କରିଡର ନିର୍ମାଣ ହେବ। ବାରଣାସୀ-ସିଲିଗୁଡ଼ି, ଦିଲ୍ଲୀ-ବାରଣାସୀ, ମୁମ୍ବାଇ-ପୁନେ, ବେଙ୍ଗାଲୁର-ଚେନ୍ନାଇ, ପୁନେ- ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁର-ହାଇଦ୍ରାବାଦ-ଚେନ୍ନାଇ ହାଇସ୍ପିଡ୍ ରେଲୱେ କରିଡର ହେବ – ଛୋଟ ସହରରେ ତୀର୍ଥସ୍ଥଳକୁ ବିକଶିତ କରାଯିବ। ବାରଣାସୀ ଓ ପାଟନାରେ ଜାହାଜ ମରାମତି ଇକୋ ସିଷ୍ଟମ-୭ଟି ହାଇସ୍ପିଡ୍ ରେଲୱେ କରିଡର ନିର୍ମାଣ ହେବ-ବାରଣାସୀ-ସିଲିଗୁଡ଼ି, ଦିଲ୍ଲୀ-ବାରଣାସୀ। ଏକ ବିରଳ-ପୃଥିବୀ କରିଡର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଉଛୁ ବୋଲି ନିର୍ମଳା ସୀତାରମଣ କହିଛନ୍ତି। ନିର୍ମଳା ସୀତାରମଣ ଆହୁରି ମଧ୍ୟ କହିଥିଲେ , ୨୦୨୫ ମସିହାରେ ବିରଳ ପୃଥିବୀ ସ୍ଥାୟୀ ଚୁମ୍ବକ ପାଇଁ ଏକ ଯୋଜନା ଆରମ୍ଭ ହୋଇଥିଲା। ଆମେ ଏବେ ଓଡ଼ିଶା, କେରଳ, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଭଳି ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକୁ ସମର୍ପିତ ବିରଳ-ପୃଥିବୀ କରିଡର ସ୍ଥାପନ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଉଛୁ। ବଜେଟ୍ ଉପସ୍ଥାପିତ ହେବା ପରେ ପିଏମ ମୋଦୀ କହିଛନ୍ତି, ବଜେଟରେ ଯେଉଁ ସଂସ୍କାର ଅଣା ଯାଇଛି ତାହା ଆକାଂକ୍ଷାରେ ଭର୍ତ୍ତି ଭାରତର ସାହସିକ, ପ୍ରତିଭାବାନ ଯୁବ ପିଢ଼ିଙ୍କ ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିବ। ଏହି ବଜେଟ୍ ଭାରତର ବିଶ୍ୱସ୍ତରରେ ଭୂମିକାକୁ ଆହୁରି ସଶକ୍ତ କରିବ। ଭାରତର ୧୪୦ କୋଟି ନାଗରିକ କେବଳ ଦ୍ରୁତ ବେଗରେ ଗତି କରୁଥିବା ଅର୍ଥବ୍ୟବସ୍ଥାରେ ସନ୍ତୁଷ୍ଟ ନୁହନ୍ତି। ଆମେ ଶୀଘ୍ର ଦୁନିଆର ତୃତୀୟ ବଡ଼ ଅର୍ଥବ୍ୟବସ୍ଥା ହେବାକୁ ଚାହୁଁଛୁ। ଏହା କୋଟି କୋଟି ଦେଶବାସୀଙ୍କ ସଂକଳ୍ପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହୁରି ମଧ୍ୟ କହିଛନ୍ତି, ଏହି ବଜେଟ୍ ଭରସା ଉପରେ ଆଧାରିତ ପ୍ରଶାସନିକ ଓ ଜନତା କେନ୍ଦ୍ରିତ ଢାଞ୍ଚାର ଭିଜନକୁ ଦର୍ଶାଉଛି। ଏହା ଏକ ଖାସ୍ ବଜେଟ୍ ଯିଏ ରାଜକୋଷ ଘାଟାକୁ କମ କରିବା ଏବଂ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପ୍ରାଥମିକା ଦେଇଛି। ଏଥିସହ ଅଧିକ ପୁଞ୍ଜିଗତ ଖର୍ଚ୍ଚ ଓ ମଜବୁତ ଆର୍ଥିକ ବିକାଶ ମଧ୍ୟରେ ସନ୍ତୁଳନ ବଜାୟ ରଖୁଛି। ଦୁନିଆର ଏକ ରଣନୀତି ଗଣତାନ୍ତ୍ରିକ ସହଭାଗୀ ଓ ବିଶ୍ୱାସଯୋଗ୍ୟ ଯୋଗାଣକାରୀ ରୂପେ ଭାରତର ଭୂମିକାକୁ ଆହୁରି ସଶକ୍ତ କରୁଛି। ତେବେ ଏହି ବଜେଟ୍ ଭାରତକୁ କେତେ ଆଗକୁ ନେବ ଓ ଭାରତକୁ କେତେ ଶସକ୍ତ କରିବ, ତାହା ଆଗାମୀ ସମୟ କହିବ।୬୦୭୦

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସ୍ୱର୍ଣ୍ଣରୁ ବଞ୍ଚିତ ହେଲେ ମନୁ ଭାକର



**ନୂଆଦିଲ୍ଲୀ**

ଅଲିମ୍ପିକ ଡବଲ ବ୍ରୋଞ୍ଜ ପଦକ ବିଜେତା ମନୁ ଭାକର ନୂଆଦିଲ୍ଲୀଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିଅନସିପରେ ଅଳ୍ପକେ ସ୍ୱର୍ଣ୍ଣ ପଦକ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ୨୫ ମିଟର ପିସ୍ତଲ ଇଭେଣ୍ଟର ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ ଅଳ୍ପକେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଜିତିଛନ୍ତି। ଭାରତର ଇଶା ସିଂ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

ଫାଇନାଲରେ ମନୁ ଏବଂ ସ୍ୱର୍ଣ୍ଣ ବିଜେତା ଏନ୍ ଗୁୟେନ ଥୁଇ ଟ୍ରାଙ୍ଗଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉଭୟେ ସମାନ ୩୫ ଅଙ୍କ ସ୍କୋର କରିଥିଲେ। ଫଳରେ ଶୁଟ୍ ଅଫ୍ ସହାୟତାରେ ବିଜେତା ନିର୍ଣ୍ଣୟ କରାଯାଇଥିଲା। ଏଥିରେ ଭିଏତ୍‌ନାମ ଶୁଟର ବିଜୟୀ ହୋଇଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବା ଇଶା ୩୦ ସ୍କୋର କରିଥିଲେ।

# ଟି୨୦ ବିଶ୍ୱକପ୍ : ଇଟାଲୀକୁ ହରାଇ ସ୍କଟଲାଣ୍ଡର ବିଜୟ ଅଭିଯାନ ଆରମ୍ଭ

**କୋଲକାତା**



ଟି୨୦ ବିଶ୍ୱକପରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍କଟଲାଣ୍ଡ ୭୩ ରନର ବ୍ୟବଧାନରେ ଇଟାଲୀକୁ ପରାସ୍ତ କରିଛି। ଏହି ବିଜୟ ସହ ସ୍କଟଲାଣ୍ଡ ଟି୨୦ ବିଶ୍ୱକପ ଲାଗି ୟୁରୋପ କ୍ୱାଲିଫାୟରରେ ଇଟାଲୀଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛି। ସ୍କଟଲାଣ୍ଡର ବିଶାଳ ୨୦୮ ରନର ଟାର୍ଗେଟର ଜବାବରେ ଇଟାଲୀ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଟାଲୀ ଦଳର ଅଧିନାୟକ ୪୨ ବର୍ଷୀୟ ୱେନ ମାଡସେନ ଫିଲ୍ଡିଂ ବେଳେ ଆହତ ହୋଇଛନ୍ତି।

ବ୍ୟାଟିଂ କରିଥିବା ସ୍କଟଲାଣ୍ଡକୁ ଜର୍ଜ ମୁନସେ ୫୪ ବଲରେ ୮୪ (୧୩ ଚୌକା ଓ ୨ ଛକା) ଓ ମାଇକେଲ ଜୋନ୍ସ ୩୦ ବଲରେ ୩୭ (୧ ଚୌକା ଓ ୨ ଛକା) ରନ କରି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ।

ପରେ ବ୍ରେଣ୍ଡନ ମ୍ୟାକମୁଲେନ ୧୮ ବଲରେ ଅପରାଜିତ ୪୧ (୪ ଛକା) ଓ ମାଇକେଲ ଲିସ୍କ ୫ ବଲରେ ୨୨ (୨ ଲେଖାଏଁ ଚୌକା ଓ ଛକା) ରନର ଅବଦାନ ଯୋଗୁ ସ୍କଟଲାଣ୍ଡ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ କରିଥିଲା। ଏହା ଚଳିତ ଟି୨୦ ବିଶ୍ୱକପରେ ସର୍ବାଧିକ ଦଳଗତ ସ୍କୋର। ଜବାବରେ ଇଟାଲୀ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଥିଲା। କେବଳ ଦୁଇ ଭାଇ ହ୍ୟାରୀ ଓ ବେନ ମାନେଣ୍ଟିଙ୍କୁ ଛାଡ଼ି ଦେଲେ ଅନ୍ୟ କେହି କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ହ୍ୟାରୀ ୨୫ ବଲରେ ୩୭ (୧ ଚୌକା ଓ ୩ ଛକା) ଓ ବେନ ୩୧ ବଲରେ ୫୨ (୫ ଚୌକା ଓ ୧ ଛକା) ରନ କରିବା ସହ ଚତୁର୍ଥ ୱିକେଟରେ ୭୩ ରନ ଯୋଗ କରିଥିଲେ।

ସ୍କଟଲାଣ୍ଡ ପାଇଁ ୪ ୱିକେଟ ନେଇଥିବା ଲିସ୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଇଟାଲୀ ୟୁରୋପ କ୍ୱାଲିଫାୟରରେ ସ୍କଟଲାଣ୍ଡକୁ ହରାଇ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲା। ଅନ୍ୟପକ୍ଷରେ ଘଟଣାକ୍ରମେ ବାଂଲାଦେଶ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଖେଳିବାକୁ ସୁଯୋଗ ମିଳିଥିଲା।

# ଗିଲଙ୍କ ସମେତ ୩ ଖେଳାଳିଙ୍କୁ ଗ୍ରେଡ୍ ଏ, ହେଲେ କୋହଲି-ରୋହିତଙ୍କୁ ଗ୍ରେଡ୍ ବିରେ ସ୍ଥାନ ଦେଲା ବିସିସିଆଇ

**ନୂଆଦିଲ୍ଲୀ**

ବିସିସିଆଇ ୨୦୨୫-୨୬ ବର୍ଷ ପାଇଁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ଲିଷ୍ଟ (କେନ୍ଦ୍ରୀୟ ଚୁକ୍ତି ତାଲିକା) ପ୍ରକାଶ କରିଛି। ଏଥିରେ ବଡ଼ ପରିବର୍ତ୍ତନ ହୋଇଛି। ତାଲିକାରୁ ଏ ପ୍ଲସ୍ (ଏ+) କ୍ୟାଟେଗରି(ବର୍ଗ)କୁ ବାଦ୍ ଦିଆଯାଇଛି। ଏବେ କେବଳ ତିନୋଟି କ୍ୟାଟେଗରି ରହିଛି – ଏ, ବି ଓ ସି। ଶୁଭମନ ଗିଲଙ୍କ ସମେତ ୩ଜଣ ଖେଳାଳିଙ୍କୁ ଏ ବର୍ଗରେ ରଖାଯାଇଛି। ଅପରପକ୍ଷେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ଗ୍ରେଡ୍-ବିରେ ରଖାଯାଇଥିବା ଦେଖାଯାଇଛି। ଫଳରେ ଉଭୟଙ୍କ ପ୍ରଶଂସକଙ୍କୁ ବଡ଼ ଝଟକା ଲାଗିଛି। ପୂର୍ବରୁ ଦୁହେଁ ଏ ପ୍ଲସରେ ଥିଲେ।

ରୋହିତ ଏବଂ କୋହଲି ଟେଷ୍ଟ ଓ ଟି୨୦ରୁ ଅବସର ନେବା ପରେ ଏବେ କେବଳ ଓଡିଆଇ (ଦିନିକିଆ) ଫର୍ମାଟ ଖେଳୁଛନ୍ତି। ଏଣୁ ଦୁହିଁଙ୍କର ପଦଚ୍ୟୁତି ହୋଇଛି। ଅନ୍ୟପକ୍ଷରେ ଶୁଭମନ ଗିଲ, ଜସପ୍ରୀତ ବୁମରାହ ଓ ରବିନ୍ଦ୍ର ଜାଡେଜାଙ୍କୁ ଗ୍ରେଡ ଏରେ ରଖାଯାଇଛି। ଜାଡେଜା ମଧ୍ୟ ମୁଖ୍ୟତଃ ଦୁଇ ଫର୍ମାଟ (ଟେଷ୍ଟ ଓ ଓଡିଆଇ) ଖେଳୁଛନ୍ତି, କିନ୍ତୁ ତାଙ୍କର ପରଫର୍ମାନ୍ସ ଆଧାରରେ ଟପ୍ ଗ୍ରେଡ୍ ମିଳିଛି।

ଚଳିତ ଥର ବିସିସିଆଇ ୩୦ ଜଣ ସିନିୟର ପୁରୁଷ ଖେଳାଳିଙ୍କୁ କଣ୍ଟ୍ରାକ୍ଟ ଦେଇଛନ୍ତି (ଗତ ବର୍ଷ ୩୪ ଥିଲେ)। ସେଥିରେ ୩ ଖେଳାଳି ଏ ବର୍ଗରେ, ୧୧ ଖେଳାଳି ବି ବର୍ଗରେ ଏବଂ ୧୬ଜଣ ସି ବର୍ଗରେ ରହିଛନ୍ତି। ନୂଆ ଫିସ ଷ୍ଟ୍ରକ୍ଚରର ଆଧିକାରିକ ଘୋଷଣା ହୋଇନାହିଁ, କିନ୍ତୁ ପୂର୍ବରୁ :

ଏ ପ୍ଲସ- ୭ କୋଟି ଟଙ୍କା ବାର୍ଷିକ, ଏ- ୫ କୋଟି, ବି- ୩ କୋଟି, ସି: ୧ କୋଟି। ଏବେ ଏ+ ହଟିବାରୁ ଟପ ଗ୍ରେଡ (ଏ)ର ଫିସ କେତେ ହେବ, ତାହା ସ୍ପଷ୍ଟ ନାହିଁ। ମ୍ୟାଚ ଫି’ ଅଲଗା ମିଳେ।

ଗ୍ରେଡ୍ ଏ (୩ ଜଣ ଖେଳାଳି) : ଶୁଭମନ ଗିଲ୍, ଜସପ୍ରୀତ ବୁମରାହ, ରବିନ୍ଦ୍ର ଜାଡେଜା।

ଗ୍ରେଡ୍ ବି (୧୧ ଜଣ ଖେଳାଳି) : ୱାଶିଙ୍ଗଟନ ସୁନ୍ଦର, ରୋହିତ ଶର୍ମା, ବିରାଟ କୋହଲି, କେଏଲ୍ ରାହୁଲ, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ, ସୂର୍ଯ୍ୟକୁମାର ଯାଦବ ଶ୍ରେୟସ ଆୟର।

ଗ୍ରେଡ୍ ସି (୧୬ ଜଣ ଖେଳାଳି): ଅକ୍ଷର ପଟେଲ, ତିଳକ ବର୍ମା, ରିଙ୍କୁ ସିଂହ, ଶିବମ ଦୁବେ, ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣା, ଆକାଶ ଦୀପ, ଧ୍ରୁବ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନିତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ସାଇ ସୁଦର୍ଶନ, ରବି ବିଶ୍ୱୋଇ, ଋତୁରାଜ ଗାଏକ୍ୱାଡ୍।

ଏହି ପରିବର୍ତ୍ତନ ପରଫର୍ମାନ୍ସ, ଫର୍ମାଟ୍‌ରେ ଭାଗିଦାରୀ ଓ ଟିମ ବ୍ୟାଲାନ୍ସ ଆଧାରରେ ହୋଇଛି। ବିରାଟ ଓ ରୋହିତ ଭଳି ଲିଜେଣ୍ଡଙ୍କ ପାଇଁ ଏହି ‘ଡିମୋସନ’ ଫ୍ୟାନ୍ସଙ୍କୁ ନିରାଶ କରିପାରେ, କିନ୍ତୁ ବିସିସିଆଇ ନୂଆ ଜେନରେସନକୁ ପ୍ରୋମୋଟ କରୁଛି।

# ପାକିସ୍ତାନର ସବୁ ସର୍ତ୍ତ ପ୍ରତ୍ୟାଖାନ କଲା ଆଇସିସି

**ନୂଆଦିଲ୍ଲୀ**



ଟି୨୦ ବିଶ୍ୱକପରେ ଭାରତ ଏବଂ ପାକିସ୍ତାନ ମ୍ୟାଚ୍ ପାଖେଇ ଆସୁଛି। ଏହା ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ପାକିସ୍ତାନ ଆଇସିସି ସମ୍ମୁଖରେ ଚାରୋଟି ପ୍ରମୁଖ ଦାବି ରଖିଥିଲା। ଆଇସିସି ପିସିବିର ସମସ୍ତ ଦାବିକୁ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି।

ଆଇସିସି ପ୍ରତିନିଧିମାନେ ବିବାଦର ଆଲୋଚନା ପାଇଁ ପାକିସ୍ତାନରେ ପହଞ୍ଚିଥିଲେ। ମୋହସିନ ନକଭିଙ୍କ ନେତୃତ୍ୱରେ ପିସିବି ଭାରତ ସହିତ ଦ୍ୱିପାକ୍ଷିକ ସିରିଜ ପୁନରାରମ୍ଭ କରିବା ସମେତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସମ୍ମୁଖରେ ଚାରୋଟି ଦାବି ରଖିଥିଲା। ରିପୋର୍ଟ ହୋଇଛି ଯେ, ଆଇସିସି ପ୍ରତିନିଧିମଣ୍ଡଳ ଚାରୋଟି ଦାବି ମଧ୍ୟରୁ ଗୋଟିଏକୁ ଗ୍ରହଣ କରିଛି, କିନ୍ତୁ ବାକି ତିନୋଟିକୁ ପ୍ରତ୍ୟାଖ୍ୟାନ କରିଛି।

ପ୍ରଥମ ଦାବି : ପିସିବିର ପ୍ରାଥମିକ ଦାବି ଥିଲା ଯେ, ଭାରତ ସହିତ ପାକିସ୍ତାନ ଦଳର ଦ୍ୱିପାକ୍ଷିକ ସିରିଜ ପୁନଃଆରମ୍ଭ କରାଯାଉ। ପାକିସ୍ତାନ ଏକ ନିରପେକ୍ଷ ସ୍ଥାନରେ ଭାରତ-ପାକିସ୍ତାନ ସିରିଜ ଆୟୋଜନ ପାଇଁ ସମର୍ଥନ କରିଥିଲା। ୨୦୧୨ ପରଠାରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ ହୋଇନାହିଁ।

ଦ୍ୱିତୀୟ ଦାବି: ପାକିସ୍ତାନ ଦାବି କରିଥିଲା ଯେ, ଆଇସିସି ରାଜସ୍ୱର ଏହାର ଅଂଶ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ସହିତ ସମାନ କରାଯାଉ। ରିପୋର୍ଟ ଅନୁଯାୟୀ, ପିସିବି ବର୍ତ୍ତମାନ ଆଇସିସି ରାଜସ୍ୱର ପ୍ରାୟ ୫.୭୫ ପ୍ରତିଶତ ଯୋଗାଏ।

ତୃତୀୟ ଦାବି: ବିସିସିଆଇ ପାକିସ୍ତାନ ଦଳ ସହିତ ହାତ ନ ମିଳାଇବା ନୀତି ବନ୍ଦ କରିବା ଉଚିତ। ଭାରତୀୟ ଦଳ ୨୦୨୫ ଏସିଆ କପ ପରଠାରୁ ପାକିସ୍ତାନୀ ଖେଳାଳିଙ୍କ ସହିତ ହାତ ମିଳାଉ ନାହିଁ। ମହିଳା ଦଳ ମଧ୍ୟ ଏହାକୁ ଅନୁସରଣ କରିଥିଲା।

ଚତୁର୍ଥ ଦାବି: ପାକିସ୍ତାନ ପୁଣି ଥରେ ବାଂଲାଦେଶକୁ ସମର୍ଥନ କରିଥିଲା। ଏହା ଆଇସିସି ପ୍ରତିନିଧି ମଣ୍ଡଳୀ ସମ୍ମୁଖରେ ଦାବି କରିଥିଲା ଯେ, ଟି୨୦ ବିଶ୍ୱକପରୁ ବାଦ୍ ପଡ଼ିବା ପାଇଁ ବାଂଲାଦେଶକୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦିଆଯାଉ।

ଆଇସିସି ଏବଂ ବିସିସିଆଇ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର ପ୍ରତିଶ୍ରୁତି ସତ୍ତ୍ୱେ, ବାଂଲାଦେଶ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଭାରତ ଯାତ୍ରା କରିବାକୁ ମନା କରିଥିଲା। ଫଳସ୍ୱରୂପ, ଆଇସିସି ବାଂଲାଦେଶକୁ ଟି୨୦ ବିଶ୍ୱକପରୁ ବହିଷ୍କାର କରିଥିଲା ଏବଂ ସ୍କଟଲାଣ୍ଡକୁ ତା’ ସ୍ଥାନରେ ରଖିଥିଲା।

# ଜିମ୍ବାୱେର ଏକତରଫା ବିଜୟ

**କଲମ୍ବୋ**

ଗୋଟିଏ ସଂସ୍କରଣ ବ୍ୟବଧାନରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳୁଥିବା ଜିମ୍ବାୱେ ଆଧିପତ୍ୟଭରା ବିଜୟରୁ ତା’ର ଚଳିତ ଅଭିଯାନ ଆରମ୍ଭ କରିଛି। ସୋମବାର ଗ୍ରୁପ୍-ବି’ର ଏକ ମୁକାବିଲାରେ ଏହି ଦଳ ନବାଗତ ଓମାନକୁ ଅତି ସହଜରେ ୮ ୱିକେଟ୍‌ରେ ପରାସ୍ତ କରିଛି। ଦୁଇ କମ୍ ଶକ୍ତିଶାଳୀ ଦଳ ମଧ୍ୟରେ ହୋଇଥିବା ଏହି ମୁକାବିଲାରେ ଜିମ୍ବାୱେ ଟସ୍ ଜିତି ଓମାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଖେଳାଳିଙ୍କ ହାରାହାରି ବୟସ ଦୃଷ୍ଟିରୁ ଚଳିତ ବିଶ୍ୱକପ୍ ସବୁଠୁ ବୟସ୍କ ଦଳ ଓମାନକୁ ଜିମ୍ବାୱେ ବୋଲରମାନେ ମାତ୍ର ୧୦୩ ରନ୍‌ରେ ଅଲ୍‌ଆଉଟ୍ କରି ଏହି ନିଷ୍ପତ୍ତି ଯେ ପୂରା ଠିକ୍ ଥିଲା ତାହା ପ୍ରମାଣିତ କରିଥିଲେ। ଓମାନର ଶୀର୍ଷ ୫ ବ୍ୟାଟର ଏକଅଙ୍କରେ ସୀମିତ ରହିବା ମଧ୍ୟ ବିଶ୍ୱକପ୍ ଇତିହାସର ଅନ୍ୟତମ ଅଲୋଡ଼ା ରେକର୍ଡ ଥିଲା। ଏହି ଦଳ ୨୭ ରନ୍‌ରେ ୫ ୱିକେଟ୍ ହରାଇ ଘୋର ସଙ୍କଟରେ ପଡ଼ିଥିଲା ବେଳେ ସୁଫିଆନ ମେହମୁଦ ଓ ବିନାୟକ ଶୁକ୍ଲା ହିଁ ପ୍ରତିପକ୍ଷ ବୋଲରଙ୍କର କିଛିଟା ପ୍ରତିରୋଧ କରିଥିଲେ। ଉଭୟ ଷଷ୍ଠ ୱିକେଟ୍‌ରେ ୩୯ ରନ୍‌ର ଉପଯୋଗୀ ଭାଗୀଦାର ଗଢ଼ିବାରୁ ଓମାନ କଷ୍ଟେମଷ୍ଟେ ୧୦୦ ରନ୍ ପାର ହୋଇଥିଲା। ଶେଷ ଆଡ଼କୁ ନଦୀମ ଖାନ୍ ୧୮ ବଲ୍‌ରୁ ୨୦ ରନ୍‌ର ମନୋରଞ୍ଜନ ଭରା ପାଳି ଖେଳିଥିଲେ। ଜିମ୍ବାୱେର ତିନି ପେସର ରିଚାର୍ଡ ନଗରଭା, ବ୍ଲେସିଙ୍ଗ୍ ମୁଜରବାନି ଓ ବ୍ରାଡ୍ ଇଭାନ୍ସ ତିନିଟି ଲେଖାଏଁ ୱିକେଟ୍ ନେଇ ଓମାନର ବିପର୍ଯ୍ୟୟ ଘଟାଇଥିଲେ।

ଜବାବରେ ଜିମ୍ବାୱେ ଓପନର ବ୍ରାଏନ୍ ବେନେଟ୍‌ଙ୍କ ଅପରାଜିତ ୪୮ ରନ୍ ସହ ବ୍ରାଣ୍ଡନ୍ ଟେଲରଙ୍କ ୩୧ ରନ୍ ବଳରେ ୧୩.୩ ଓଭରରେ ମାତ୍ର ୨ ୱିକେଟ୍ ବିନିମୟରେ ୧୦୬ ରନ୍ କରି ସହଜ ବିଜୟ ପାଇଥିଲା। ଟେଲର ମାତ୍ର ୪ ରନ୍ ପୂର୍ବରୁ ଅବସର ଆହତ ହେବା ଅବଶ୍ୟ ଜିମ୍ବାୱେ ପାଇଁ କିଛିଟା ଚିନ୍ତାଜନକ ଖବର ଥିଲା। ବ୍ଲେସିଙ୍ଗ୍ ତାଙ୍କ ଶାଣିତ ବୋଲିଂ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଭାରତ-ନାମ୍ବିଆ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆର ପ୍ଲେଇଂ-୧୧ରେ ହେବ ପରିବର୍ତ୍ତନ

**ନୂଆଦିଲ୍ଲୀ**

ଭାରତ ୨୦୨୬ ଟି୨୦ ବିଶ୍ୱକପରେ ବିଜୟ ସହିତ ଖାତା ଖୋଲିଥିଲା। ତଥାପି ପ୍ରଥମ ମ୍ୟାଚ୍ ଏହା ମଧ୍ୟ ଦେଖାଇଥିଲା ଯେ ଦଳକୁ ଏବେ ମଧ୍ୟ କିଛି ଜିନିଷ ଉପରେ କାମ କରିବାକୁ ପଡିବ। ଆମେରିକା ବିପକ୍ଷ ମ୍ୟାଚରେ, ଭାରତୀୟ ବ୍ୟାଟିଂ ଶୀଘ୍ର ବିଫଳ ହୋଇଥିଲା ଏବଂ ଦଳ ଚାପରେ ପଡ଼ିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ସହିତ ପରିସ୍ଥିତିକୁ ସମ୍ଭାଳିଥିଲେ, ଯାହା ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇଯାଇଥିଲା।

ଭାରତ ଏବେ ଫେବୃୟାରୀ ୧୨ରେ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ନାମ୍ବିଆ ବିପକ୍ଷରେ ମୁକାବିଲା କରିବ। ଏହି ମ୍ୟାଚ ପୂର୍ବରୁ ଭାରତୀୟ ଦଳର ପ୍ଲେଇଂ ୧୧ରେ ପରିବର୍ତ୍ତନ ଆଶା କରାଯାଉଛି। ଭାଇରାଲ ଜ୍ୱର ଯୋଗୁ ପ୍ରଥମ ମ୍ୟାଚ୍‌ର ବାହାରେ ଥିବା ଜସପ୍ରିତ ବୁମ୍‌ରାଙ୍କୁ ଏବେ ଫିଟ୍ ବିବେଚନା କରାଯାଉଛି। ତାଙ୍କର ଉପଲବ୍ଧତା ଭାରତୀୟ ଦଳ ପାଇଁ ଏକ ବଡ଼ ଆଶ୍ୱସ୍ତି। ବୁମ୍‌ରାଙ୍କ ଅଂଶଗ୍ରହଣ ଡେଥ୍ ଓଭରରେ ଦଳର ନିୟନ୍ତ୍ରଣକୁ ମଜବୁତ କରିବ ଏବଂ ବିପକ୍ଷ ବ୍ୟାଟସମ୍ୟାନମାନଙ୍କ ଉପରେ ଚାପ ପକାଇବ। ତଥାପି, ବୁମରାଙ୍କ ଉପସ୍ଥିତି ପାଇଁ ଦ୍ରୁତ ବୋଲିଂ ବିଭାଗର ଜଣେ ଖେଳାଳିଙ୍କୁ ବାହାରେ ବସିବାକୁ ପଡିବ। ଅର୍ଶଦୀପ ସିଂହ କିମ୍ବା ମହମ୍ମଦ ସିରାଜଙ୍କୁ ଚୟନ କରାଯିବ କି ନାହିଁ ତାହା ପିଚ ଏବଂ ରଣନୀତି ଉପରେ ନିର୍ଭର କରିବ। ଅର୍ଶଦୀପଙ୍କ ବାମହାତୀ ବୋଲିଂ ଦଳକୁ ବିବିଧତା ପ୍ରଦାନ କରେ, ଯେତେବେଳେ ସିରାଜ ନୂତନ ବଲ ସହିତ ଆକ୍ରମଣାତ୍ମକ ପ୍ରମାଣିତ ହୋଇପାରନ୍ତି।

ନାମ୍ବିଆ ବିପକ୍ଷରେ ଭାରତର ସମ୍ଭାବ୍ୟ ପ୍ଲେଇଂ ୧୧ : ଅଭିଷେକ ଶର୍ମା, ଇଶାନ କିଷାନ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂହ, ଅକ୍ଷର ପଟେଲ, ଜସପ୍ରିତ ବୁମରା, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ।

# ଅଷ୍ଟ୍ରେଲିଆର ଗର୍ବ ଭାଙ୍ଗିଲା ଭାରତ

**ନୂଆଦିଲ୍ଲୀ**



ଆଇସିସି ପୁରୁଷ ଟି୨୦ ବିଶ୍ୱକପ ୨୦୨୬ରେ ଟିମ୍ ଇଣ୍ଡିଆ ବିଜୟ ସହିତ ତା’ର ଅଭିଯାନ ଆରମ୍ଭ କରିଥିଲା। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଆମେରିକା ବିପକ୍ଷରେ ୨୯ ରନ୍‌ରେ ବିଜୟୀ ହୋଇ ଅନେକ ରେକର୍ଡ ସ୍ଥାପନ କରିଥିଲା। ଆଇସିସି ବିଶ୍ୱକପ୍‌ରେ ୧୦୦ ବିଜୟ ହାସଲ କରିବାରେ ଭାରତ ଦ୍ୱିତୀୟ ଦେଶ ହୋଇଥିଲା। ସାମଗ୍ରିକ ଆଇସିସି ଟୁର୍ଣ୍ଣାମେଣ୍ଟ ଦୃଷ୍ଟିରୁ ଟିମ୍ ଇଣ୍ଡିଆ ଇତିହାସ ସୃଷ୍ଟି କରିଥିଲା। ଦିନିକିଆ ବିଶ୍ୱକପ, ଟି୨୦ ବିଶ୍ୱକପ, ଚାମ୍ପିଅନ୍ସ ଟ୍ରଫି ଏବଂ ଡବ୍ଲ୍ୟୁଟିସି ଫାଇନାଲ ସମେତ, ଟିମ୍ ଇଣ୍ଡିଆ ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ବିଜୟୀ ଦଳ ହୋଇଛି। ଏହି କ୍ଷେତ୍ରରେ ଭାରତ ଅଷ୍ଟ୍ରେଲିଆର ରେକର୍ଡ ଭାଙ୍ଗିଛି।

ଅଷ୍ଟ୍ରେଲିଆ କ୍ରିକେଟ ଇତିହାସରେ ସର୍ବାଧିକ ୧୦ ଆଇସିସି ଟ୍ରଫି ଜିତିବାର ବିଶ୍ୱ ରେକର୍ଡ ରଖିଛି। ସେମାନେ ୬ଟି ଦିନିକିଆ ବିଶ୍ୱକପ, ଗୋଟିଏ ଟି୨୦ ବିଶ୍ୱକପ, ଦୁଇଟି ଚାମ୍ପିୟନ୍ସ ଟ୍ରଫି ଏବଂ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲ୍ୟୁଟିସି) ଜିତିଛନ୍ତି। ଆଇସିସି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨୨ ମ୍ୟାଚ ଜିତି ସେମାନେ ଏହି ୧୦ ଟ୍ରଫି ଜିତିଛନ୍ତି। ୭ଟି ଆଇସିସି ଟ୍ରଫି ଜିତି ସାରିଥିବା ଟିମ୍ ଇଣ୍ଡିଆ ଏବେ ୧୨୩ଟି ସହିତ ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ବିଜୟୀ ଦଳ ପାଲଟିଛି। ଭାରତ ୨ଟି ଦିନିକିଆ ବିଶ୍ୱକପ, ୨ଟି ଟି୨୦ ବିଶ୍ୱକପ ଏବଂ ୩ଟି ଚାମ୍ପିୟନ୍ସ ଟ୍ରଫି ଜିତିଛି।

ଆଇସିସି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ବିଜୟୀ ଦଳଗୁଡ଼ିକ (ଦିନିକିଆ ବିଶ୍ୱକପ୍ + ଚାମ୍ପିୟନ୍ସ ଟ୍ରଫି + ଟି୨୦ ବିଶ୍ୱକପ + ଡବ୍ଲ୍ୟୁଟିସି ଫାଇନାଲ) : ଭାରତ – ୧୨୩ ବିଜୟ, ଅଷ୍ଟ୍ରେଲିଆ – ୧୨୨ ବିଜୟ, ନ୍ୟୁଜିଲାଣ୍ଡ – ୧୦୧ ବିଜୟ, ଇଂଲଣ୍ଡ – ୯୫ ବିଜୟ, ଦକ୍ଷିଣ ଆଫ୍ରିକା – ୯୨ ବିଜୟ, ପାକିସ୍ତାନ – ୯୧ ବିଜୟ, ଶ୍ରୀଲଙ୍କା – ୮୭ ବିଜୟ, ୱେଷ୍ଟଇଣ୍ଡିଜ – ୮୨ ବିଜୟ, ବାଂଲାଦେଶ – ୩୦ ବିଜୟ, ଜିମ୍ବାୱେ – ୧୯ ବିଜୟ, ଆଫଗାନିସ୍ତାନ – ୧୮ ବିଜୟ।

ଟିମ୍ ଇଣ୍ଡିଆର ପରବର୍ତ୍ତୀ ମ୍ୟାଚ୍ ୨୦୨୬ ଟି୨୦ ବିଶ୍ୱକପରେ ଫେବୃୟାରୀ ୧୨ରେ ନାମ୍ବିବ୍ୟା ବିପକ୍ଷରେ ହେବ। ଏହି ଟୁର୍ଣ୍ଣାମେଣ୍ଟର ସବୁଠାରୁ ହାଇ-ଭୋଲଟେଜ ମ୍ୟାଚ୍, ଭାରତ ବନାମ ପାକିସ୍ତାନ, ଫେବୃୟାରୀ ୧୫ରେ ଖେଳାଯିବ। ଏହି ମ୍ୟାଚ୍ ଉପରେ ଏବେବି ସସ୍‌ପେନ୍ସ ରହିଛି, କାରଣ ପାକିସ୍ତାନ ୨୦୨୬ ଟି୨୦ ବିଶ୍ୱକପରେ ଭାରତ ବିପକ୍ଷରେ ଖେଳିବାକୁ ମନା କରିଦେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏପର୍ଯ୍ୟନ୍ତ ଏହି ନିଷ୍ପତ୍ତିକୁ ଆନୁଷ୍ଠାନିକ ଭାବରେ ଆଇସିସି ନିକଟରେ ଦାଖଲ କରିନାହିଁ। ତେଣୁ ଆଗାମୀ ଦିନରେ ପାକିସ୍ତାନ ଏହାର ନିଷ୍ପତ୍ତି ପ୍ରତ୍ୟାହାର କରିବ ବୋଲି ଆଶା କରାଯାଉଛି।

# ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ହର୍ଷିତ ରାଣାଙ୍କର ହେଲା ସର୍ଜରୀ

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ହର୍ଷିତ ରାଣାଙ୍କ ଆଣ୍ଠୁ ଅସ୍ତ୍ରୋପଚାର ସଫଳ ହୋଇଛି। ସେ ଏହି ସୂଚନା ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ସେ ତାଙ୍କ ହସ୍ପିଟାଲ ବେଡ୍‌ରୁ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ କେବଳ ତାଙ୍କ ଅବସ୍ଥା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇନାହିଁ ବରଂ ତାଙ୍କର ଦୁଇଟି ମିଶନ ମଧ୍ୟ ପ୍ରକାଶ କରିଛନ୍ତି।

୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଅଭ୍ୟାସ ମ୍ୟାଚ୍ ସମୟରେ ହର୍ଷିତ ରାଣାଙ୍କ ଆଣ୍ଠୁ ଆଘାତ ହୋଇଥିଲା, ଯାହା ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବଞ୍ଚିତ କରିବାକୁ ବାଧ୍ୟ କରିଥିଲା। ମୁମ୍ବାଇରେ ଆମେରିକା ବିପକ୍ଷରେ ଭାରତର ପ୍ରଥମ ମ୍ୟାଚ୍ ପୂର୍ବରୁ ରାଣାଙ୍କୁ ବାଦ୍ ଦିଆଯାଇଥିଲା। “ଅସ୍ତ୍ରୋପଚାର ଠିକ୍ ଭାବରେ ହୋଇଛି, ଏବେ ସୁସ୍ଥ ହେଉଛି ଏବଂ ମୋର ପସନ୍ଦ କାମ କରିବା ପାଇଁ ପ୍ରସ୍ତୁତ ହେଉଛି,” । ହସ୍ପିଟାଲ ବେଡ୍‌ରେ ଶୋଇ ତାଙ୍କର ଥମ୍ବସ୍ ଅପ୍ କରୁଥିବାର ଏକ ଫଟୋ ସହିତ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଗତ ସପ୍ତାହରେ ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍ ସମୟରେ ହର୍ଷିତ ରାଣାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ତେବେ ତାଙ୍କୁ ପୁଣି କେଉଁ ମ୍ୟାଚ ଖେଳୁଥିବା ଦେଖିବାକୁ ମିଳିବ ସେନେଇ ସ୍ପଷ୍ଟ କରଯାଇନାହିଁ।

OFFICE OF THE MUNICIPAL COUNCIL, TALCHER
'e' – Procurement Notice
Tender Reference No. TCRM-12/2025-26
Bid Identification No.2026_ORULB_125680
No. 449 / Dt. 01.2.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | Nos. |
| 3) | Estimated Cost | :- | Rs.1.25 to 19.99 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.07.02.2026 at 4.00 PM |
| 6) | Last date & time for receipt of Bid in the portal | :- :- | dt17.02.2026 at 5.00 PM |
| 7) | Date of Opening Bid | :- | dt.18.02.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Talcher Municipality
OIPR-13001/50/2526

E-Mail: rw.kamakhyanagar@yahoo.co.in
Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar
e-procurement Notice No 28/ Road Work / 2025-26,

| | |
|---|---|
| 1. Name of the work | : Road Work |
| 2. Total No. of Works | : 1 (one) Nos |
| 3. Tender Cost | : Rs.5.08 lakhs |
| 4. Class Contractor | : D, & Cequlvalent |
| 5. Period of Completion | : 1 calendar months |
| 6. Availability of Tender online for bidding | : 12.02.2026. at 11.00 A.M to 18.02.02.2026 up to 5.00 P.M |
| 7. Last Date & Time of seeking tender clarification | : 17.02.2026 up to5.00 PM |
| 8. Date & Time of opening of Bid | : 18.02.2026 at 5.30 PM |

Other Details can be seen from the website http://tendersorissa.gov.in

Sd/- Superintending Engineer
Rural Works Division-II, Dkl
OIPR-25001/57/2526 Kamakhyanagar

E-mail: eeroads.khr@rediffmail.com
OFFICE OF THE SUPERINTENDING ENGINEER
KHARIAR (R&B) DIVISION, KHARIAR, DIST. NUAPADA, ODISHA.
Letter No.795 Date 06.02.2026
2nd Corrigendum to Cancel
Bid Identification No.SER&BKHR - 18 /2025-26

The E-Procurement Notice-18, Bid Identification No. SER&BKHR - 18 / 2025-26 vide letter no.6670 dated 19.12.2025 & 1st Corrigendum letter No.133 Dated 07.01.2026 bearing Tender ID No. 2025_EICCL_124005_I, 2025_EICCL_124005_2 & 2025 EICCL 124005 3 respectively in the above Tender Call Notice is hereby cancelled due to administrative reasons/ issues.

Sd/- Superintending Engineer
Khariar R&B Division
OIPR-34001/33/2526

# ଟି-୨୦ ବିଶ୍ୱକପ୍ : ବଡ଼ ଦଳଙ୍କୁ ନାକେଦମ୍ କଲେଣି ‘ଅଣ୍ଡରଡଗ୍ସ’

**ନୂଆଦିଲ୍ଲୀ**

ଚଳିତ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସପ୍ତାହ କ୍ରିକେଟ ଜଗତର ସମସ୍ତ ପୁରୁଣା ସମୀକରଣକୁ ବଦଳାଇ ଦେଇଛି। ଯେଉଁ ଛୋଟ ଦଳମାନଙ୍କୁ ଦିନେ ‘ଦୁର୍ବଳ’ ବୋଲି କୁହାଯାଉଥିଲା, ସେମାନେ ଏବେ ଇଂଲଣ୍ଡ, ଭାରତ ଏବଂ ପାକିସ୍ତାନ ଭଳି ଦିଗ୍‌ଗଜ ଦଳଙ୍କ ବିଜୟ ପଥରେ କଣ୍ଟା ସାଜିଛନ୍ତି। ୱାଙ୍ଖେଡ଼େ ଷ୍ଟାଡିୟମରେ ନେପାଳ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ରୋମାଞ୍ଚକର ମ୍ୟାଚ୍ ଏହାର ଜ୍ୱଳନ୍ତ ଉଦାହରଣ। ରବିବାର ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮୪ ରନ୍ ସଂଗ୍ରହ କରିଥିଲା। ଏହି ବଡ଼ ସ୍କୋରକୁ ପିଛା କରି ନେପାଳ ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। ଶେଷ ବଲରେ ଜିତିବା ପାଇଁ ନେପାଳକୁ ୬ ରନ୍ ଆବଶ୍ୟକ ଥିବାବେଳେ ସାମ୍ କୁରାନଙ୍କ ଲୋ-ଫର୍କର ଯୋଗୁଁ ଲୋକେଶ ବାମ୍ ମାତ୍ର ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ମାତ୍ର ୪ ରନରେ ବିଜୟୀ ହୋଇଥିଲେ ମଧ୍ୟ ନେପାଳର ବ୍ୟାଟରମାନେ ଜୋଫ୍ରା ଆର୍ଚ୍ଚର ଏବଂ ଆଦିଲ ରସିଦଙ୍କ ଭଳି ଘାତକ ବୋଲରଙ୍କୁ ନିର୍ଘୁମ ପ୍ରହାର କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। କେବଳ ନେପାଳ ନୁହେଁ, ଆମେରିକା (ୟୁଏସଏ) ବିରୋଧରେ ବିଜୟ ପାଇଁ ଭାରତକୁ ମଧ୍ୟ କଠିନ ସଂଘର୍ଷ କରିବାକୁ ପଡ଼ିଥିଲା।

# ପିଏମ ଶ୍ରୀ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବଳୟାର ଦୁଇ ଦିନିଆ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବଳୟାର ୪୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଗଞ୍ଜାମ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଛତ୍ରପୁର ଉପକାରାଗାର ପରିଚାଳକ ପ୍ରସନ୍ନ କୁମାର ସାହୁ, ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସି.ଏଚ ସୁଧାକର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ନାହାକ, ସୁବଳୟା ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶ୍ରୀ ଆର. ମନୋନୀତା ରେଡ୍ଡୀ, ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ବିଜୟ କୁମାର ପଣ୍ଡା, ଏସ.ଏସ.ଡି ହାଇସ୍କୁଲ, ହୁମ୍ମା ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ, ସି.ଆର.ସି.ସି. ସୌମ୍ୟ ରଞ୍ଜନ ସାହୁ, ରମ୍ଭା ଥାନା ଅଧିକାରୀ ପ୍ରସନ୍ନ କୁମାର ବାଲିକନା ପ୍ରମୁଖ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ଶିକ୍ଷକ, ଶିକ୍ଷାୟତନ, ସରକାର, ପ୍ରଶାସନ, ଛାତ୍ରଛାତ୍ରୀଙ୍କ ସହ ଅଭିଭାବକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ।


ଉକ୍ତ ସଭାର ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ବିଭୂତି ଭୂଷଣ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ପରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ପ୍ରାରମ୍ଭିକ ସଙ୍ଗୀତ ବେଶ୍ ମନମୁଗ୍ଧକର ଥିଲା। ସଭାର ଅବ୍ୟବହିତ ପୂର୍ବରୁ ବିଭିନ୍ନ ବିଭାଗରେ କରାଯାଇଥିବା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଶ୍ରୀ ମୋନାଲିସା ରଥ ଏବଂ ସୁଶ୍ରୀ ମନିଷା ବିଶ୍ୱାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିଭାବକ, ଅତିଥି ଓ ଛାତ୍ରଛାତ୍ରୀ, ଜନସାଧାରଣ ବେଶ୍ ଉପଭୋଗ କରିଥିଲେ। ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ବିଶ୍ୱାଳ, ଗୋଲକ ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ସଭା ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୩୭ତମ ଫେଡେରେସନ୍ କପ୍ ଭଲିବଲ୍ : ଫାଇନାଲ୍‌ରେ ସାଂସଦ ନିରଞ୍ଜନ ବିଶୀଙ୍କ ଉପସ୍ଥିତି

**କଣ୍ଟାବାଞ୍ଜି/ରାୟପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସଭା ସାଂସଦ ନିରଞ୍ଜନ ବିଶୀ ରାୟପୁରସ୍ଥିତ ଶ୍ରୀ ବଲବୀର ସିଂହ ଜୁନେଜା ଇଣ୍ଡୋର ଷ୍ଟାଡିଅମ୍, ବୁଢ଼ା ତାଳାବରେ ଆୟୋଜିତ “୩୭ତମ ଫେଡେରେସନ୍ କପ୍ ଭଲିବଲ୍ ଚ୍ୟାମ୍ପିଅନ୍‌ସିପ୍ ୨୦୨୬”ର ଭବ୍ୟ ଫାଇନାଲ୍ ମ୍ୟାଚ୍‌ରେ ଗରିମାମୟ ଉପସ୍ଥିତି ଦର୍ଶାଇଥିଲେ। ଏହି ପ୍ରତିଷ୍ଠିତ ଜାତୀୟ ପ୍ରତିଯୋଗିତା ଛତିଶଗଡ଼ ରାଜ୍ୟ ଭଲିବଲ୍ ସଂଘ ଦ୍ୱାରା ମହେଶ କୁମାର ଗାଗଡ଼ାଙ୍କ ନେତୃତ୍ୱରେ ସଫଳତାର ସହିତ ଆୟୋଜିତ ହୋଇଥିଲା। ଶ୍ରୀ ବିଶୀ କହିଥିଲେ ଯେ ଏହି ପ୍ରତିଷ୍ଠିତ କ୍ରୀଡ଼ା ଆୟୋଜନର ଅଂଶ ହେବାକୁ ସେ ଗର୍ବିତ ଅନୁଭବ କରୁଛନ୍ତି, ବିଶେଷକରି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଜୀ, ଛତିଶଗଡ଼ ବିଧାନସଭାର ମାନ୍ୟବର ଅଧ୍ୟକ୍ଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡା. ରମଣ ସିଂହ ଜୀ, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଜୀ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଜୀ, ଲୋକସଭା ସାଂସଦ ବୃଜମୋହନ ଅଗ୍ରୱାଲ ଜୀ, ଛତିଶଗଡ଼ ଅର୍ଥମନ୍ତ୍ରୀ ଓ.ପି. ଚୌଧୁରୀ, ମାନ୍ୟବର କ୍ରୀଡ଼ାମନ୍ତ୍ରୀ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ସହ। ଫାଇନାଲ୍ ମୁକାବିଲାରେ ତାମିଲନାଡୁ ଓ କେରଳ ଦଳ ଉତ୍କୃଷ୍ଟ କ୍ରୀଡ଼ାଦକ୍ଷତା, ଶିସ୍ତ ଓ ତୀବ୍ର ପ୍ରତିସ୍ପର୍ଦ୍ଧାର ପ୍ରଦର୍ଶନ କରିଥିଲେ। ସାଂସଦ ଶ୍ରୀ ବିଶୀ ଉଭୟ ଦଳର ଖେଳାଳିମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ, ଉତ୍ସାହିତ ଓ ପ୍ରେରିତ କରିଥିଲେ। ତାଙ୍କ ସମ୍ବୋଧନରେ ସେ କହିଥିଲେ ଯେ ଭଲିବଲ୍ କେବଳ ଗୋଟିଏ ଖେଳ ନୁହେଁ, ବରଂ ଦଳୀୟ ସହଯୋଗ, ସମର୍ପଣ, ଆତ୍ମବିଶ୍ୱାସ ଓ ଜାତି ଗଠନର ଏକ ସଶକ୍ତ ମାଧ୍ୟମ। ଶ୍ରୀ ବିଶୀ ଏହି ଭବ୍ୟ ଆୟୋଜନ ପାଇଁ ଛତିଶଗଡ଼ ସରକାରଙ୍କୁ ଉତ୍କୃଷ୍ଟ ସମନ୍ୱୟ ଓ ସହଯୋଗ ପାଇଁ ହୃଦୟପୂର୍ଣ୍ଣ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟର କ୍ରୀଡ଼ା ନୀତିକୁ ପ୍ରଶଂସା କରିଥିଲେ। ଶେଷରେ, ସାଂସଦ ନିରଞ୍ଜନ ବିଶୀ ଆୟୋଜନ ସମିତି, ଛତିଶଗଡ଼ ରାଜ୍ୟ ଭଲିବଲ୍ ସଂଘର ଅଧ୍ୟକ୍ଷ ଏବଂ ପୂର୍ବତନ ମନ୍ତ୍ରୀ ମହେଶ କୁମାର ଗାଗଡ଼ାଙ୍କ ନେତୃତ୍ୱକୁ ଭୂରି-ଭୂରି ପ୍ରଶଂସା କରି ନିଜର ହୃଦୟଙ୍ଗମ କୃତଜ୍ଞତା ପ୍ରକାଶ କରିଛନ୍ତି



## ସିନ୍ଧୁଜାର ବାର୍ଷିକୋତ୍ସବ ଅନୁଷ୍ଠିତ

# ମହିଳାମାନେ ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ହେବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳାମାନେ ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନାରୀ ସଶକ୍ତ ହେଲେ ରାଜ୍ୟ ତଥା ଦେଶ ସମୃଦ୍ଧ ହୋଇପାରିବ ବୋଲି ସେମାନେ କହିଛନ୍ତି।

ମାସିକ ଫିଚରଧର୍ମୀ ମହିଳା ପତ୍ରିକା 'ସିନ୍ଧୁଜା'ର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅୟୋଜିତ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ତଥା ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡ. ଅରୁଣ ପଣ୍ଡା, ବରିଷ୍ଠ ଆଇପିଏସ୍ ଅମିତାଭ ଠାକୁର ଓ ଅଭିନେତ୍ରୀ ତଥା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସମ୍ପାଦିକା ଶ୍ରୀମତୀ ପିଙ୍କି ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ମହିଳାମାନଙ୍କୁ ଆଗକୁ ବଢିବାକୁ ଦେବା କ୍ଷେତ୍ରରେ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଡ. ପଣ୍ଡା କହିଥିଲେ। ସେହିପରି ଅନ୍ୟତମ ଅତିଥି ଆଇପିଏସ୍ ଶ୍ରୀ ଠାକୁର ସଶକ୍ତ ମହିଳା ରାଜ୍ୟ ଓ ଦେଶ ପାଇଁ ସମୃଦ୍ଧିକର ବୋଲି କହିଥିଲେ। ନାରୀମାନଙ୍କୁ ସକରାତ୍ମକ ଦିଗରେ ବର୍ଣ୍ଣନା କରିବାକୁ ଅଭିନେତ୍ରୀ ପିଙ୍କି ପ୍ରଧାନ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସୁଲେଖିକା ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ମହିଳାମାନେ ଆଗକୁ ଆସିଲେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିବ। ଏଥିସହିତ ସମାଜରେ ଦେଖାଦେଉଥିବା ଘରୋଇ ହିଂସାର ବିଲୋପ ହେବ ଓ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଯୋଜନା ଗୁଡ଼ିକର ସୁଫଳ ପାଇପାରିବେ। ସେହିପରି ନାରୀଶିକ୍ଷା ଓ ସଚେତନତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫ ଜଣଙ୍କୁ ସିନ୍ଧୁଜା ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ସିନ୍ଧୁଜା ଗଳ୍ପ ସମ୍ମାନ ଡ. ଗଣେଶ୍ୱର ଜେନା, ସନ୍ଧୁଜା କବିତା ସମ୍ମାନ ଶ୍ରୀଯୁକ୍ତ ଅଖିଳ କୁମାର ମିଶ୍ର, ପ୍ରବନ୍ଧ ସମ୍ମାନ ସୁଶ୍ରୀ ରୂପାଲି ମହାରଣା, କର୍ପୋରେଟ ସମ୍ମାନ ଶ୍ରୀଯୁକ୍ତ ସୁଧୀ ରଞ୍ଜନ ମିଶ୍ର ଓ ସିନ୍ଧୁଜା ସେବା ସମ୍ମାନ ସ୍ୱରୂପ ରାଜ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶ୍ରୀମତୀ ଦେବଯାନୀ ଦାସଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜାତୀୟସ୍ତରୀୟ ଆଲୋଚନାଚକ୍ର 'ଗ୍ରାମାଞ୍ଚଳର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା' ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରପିସ୍‌ର କର୍ଣ୍ଣ ମୁଖ୍ୟ ଡ. ମନୋରଞ୍ଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲେଚନାଚକ୍ରରେ ଅଲୋଚକ ଭାବେ ଦେବଯାନୀ ଦାସ ଏବଂ ସେବିକା ସଂଯୁକ୍ତା ଭୂତିଆ ପ୍ରମୁଖ ଯୋଗଦେଇ ବ୍ୟାପକ ଆଲୋଚନା କରିଥିଲେ। ଏଥସହ ୨ଟି ପୁସ୍ତକ ତତ୍ତ୍ୱମାସି ଓ ସୁମିତ୍ରା ଯାହା ଜାଣେନାହିଁ' ଲୋକାର୍ପିତ ହୋଇଥିଲା। ଶେଷରେ ସୁରେଶ ଦାସ, ପ୍ରେମଚାନ୍ଦ ନାୟକ ଓ ଇତିଶ୍ରୀ ପ୍ରମୁଖ ଗୀତ ଗାଇଥିଲା ବେଳେ ବିମଳ ଦାସ ମ୍ୟାଜିକ ପ୍ରଦର୍ଶନ କରିଥିଲେ।

ସିନ୍ଧୁଜାର ସମ୍ପାଦିକା ଶର୍ମିଳା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ପରିଚ୍ଛଳନା ନିର୍ଦ୍ଦେଶକ ମାଧବ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ଆଶୀଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରକୁ ସଂଯୋଜନା କରିଥିଲେ ରଶ୍ମିତା ଓ ପରିଚ୍ଛଳନାରେ ସହଯୋଗ କରିଥିଲେ ଅର୍ପିତା ମିଶ୍ର ଏବଂ ସବିତା ମହାପାତ୍ର।



# ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ର ଉଦ୍ଘାଟନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୧୬ ମସିହାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲୁ) ପାଳନ କରିଆସୁଛି। ଏହି କ୍ରମରେ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ଫେବୃଆରୀ ୦୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯାଉଛି। ଏହା ଏହି ଅଭିଯାନର ଏକାଦଶ ସଂସ୍କରଣ।

ଏହି ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହର ବିଷୟବସ୍ତୁ ହେଉଛି "କେୱାଇସି – ସୁରକ୍ଷିତ ବ୍ୟାଙ୍କିଙ୍ଗ ଆଡ଼କୁ ପ୍ରଥମ ପଦକ୍ଷେପ"। ଉପ ବିଷୟବସ୍ତୁ ଭାବେ "ତୁମର ଗ୍ରାହକଙ୍କୁ ଜାଣିବାର ମୌଳିକ ବିଷୟ (କେୱାଇସି)", "କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରି (ସିକେୱାଇସି)" ଏବଂ "ଆକାଉଣ୍ଟ ସ୍ୱଚ୍ଛତା ଓ ଶୃଙ୍ଖଳା" ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ର ଉଦ୍ଘାଟନୀ ଉତ୍ସବ ଆରବିଆଇ, ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆରବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ବ୍ୟାଙ୍କ ଜମା ଖାତାରେ କେୱାଇସି ଅପଡେଟ୍ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ସଂଜୀବ କୁମାର ମିଶ୍ର, କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କିଂ ଅମ୍ବୁଡସମ୍ୟାନ, ଡିଆଇଏଫ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ନାବାର୍ଡ, ସିଡବି, ଏନଏଚବି ସହ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଥିସହ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ଚାଷୀ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ଭଳି ବିଭିନ୍ନ ଲକ୍ଷ୍ୟ ଗୋଷ୍ଠୀର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆରବିଆଇ, ଭୁବନେଶ୍ୱରର କର୍ମଚାରୀମାନଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ଉପରେ ଏକ ସଚେତନତାମୂଳକ ନୁକ୍କଡ଼ ନାଟକ ପରିବେଷଣ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯୪ ପ୍ରତିଶତ ...

ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟା ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟ ମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଅନ୍ୟ ବିଭାଗ ଗୁଡିକର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

### ହଟ୍ଟଗୋଳ...

ଥରୁର କହିଥିଲେ ଯେ, ବିରୋଧୀ ଦଳ ନେତା ହୋଇଥିବାରୁ ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ତାଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବା ଉଚିତ। ଏହାପରେ ଅଧ୍ୟକ୍ଷ ରାୟ କହିଥିଲେ, ଯଦି ବିରୋଧୀ ଦଳ ନେତା ବଜେଟ୍ ଉପରେ କହିବାକୁ ଚାହାନ୍ତି ତେବେ ତାଙ୍କର କୌଣସି ସମସ୍ୟା ନାହିଁ ଏବଂ ତାଙ୍କୁ ଭାଷଣ ଆରମ୍ଭ କରିବାକୁ କହିଥିଲେ।

ତେବେ ରାହୁଲ ଗାନ୍ଧୀ ବଜେଟ୍ ଉପରେ ଆଲୋଚନା କରିବା ପରିବର୍ତ୍ତେ ଗଲୱାନ ଓ ନରୱାଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ ପ୍ରସଙ୍ଗ ଉଠାଇବାକୁ ଜିଦ୍ ଧରିଥିଲେ। ସେ କହିଥିଲେ ଯେ, ବାଚସ୍ପତି ଓମ୍ ବିର୍ଲା ଓ କିଛି ବିରୋଧୀ ସାଂସଦଙ୍କ ମଧ୍ୟରେ ହୋଇଥିବା ବୈଠକରେ ବଜେଟ୍ ଆଲୋଚନା ପୂର୍ବରୁ ତାଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା, କିନ୍ତୁ ଅଧ୍ୟକ୍ଷ ବର୍ତ୍ତମାନ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଅଧ୍ୟକ୍ଷ ରାୟ କହିଛନ୍ତି ଯେ, ସେ ଏପରି କୌଣସି ପ୍ରତିଶ୍ରୁତି ବିଷୟରେ ଅବଗତ ନୁହନ୍ତି ଏବଂ ସେ ବିନା ନୋଟିସରେ କାହାକୁ କୌଣସି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦେଇପାରିବେ ନାହିଁ। ଏହି ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏଥିରେ ହସ୍ତକ୍ଷେପ କରି କହିଥିଲେ ଯେ, ଏପରି କୌଣସି ଚୁକ୍ତି ହୋଇନାହିଁ ଏବଂ ଯଦି ବିରୋଧୀ ଦଳ ବାଚସ୍ପତିଙ୍କ ବିଷୟରେ କିଛି କହିବାକୁ ଚାହୁଁଛନ୍ତି, ତେବେ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଗୃହରେ ଉପସ୍ଥିତ ରହିବା ଉଚିତ। କୌଣସି ପକ୍ଷ ନିଜ ଆଭିମୁଖ୍ୟରୁ ନ ହଟିବାରୁ ରାୟ ଗୃହକୁ ସୋମବାର ଦିନକ ପାଇଁ ମୁଲତବୀ ରଖିଥିଲେ।

### ଧାନମଣ୍ଡିରେ...

ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି। ସେଦୃଷ୍ଟିରୁ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ଜରୁରୀ ହସ୍ତକ୍ଷେପ କରିବାକୁ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଅନ୍ନଦାତା ମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଦି ବିଭିନ୍ନ ଆଳରେ ସେମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରିବା ପରିତାପର ବିଷୟ । ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀ ମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି । ସେହିପରି ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ରାଜ୍ୟର ସବୁ ଚାଷୀ ଭାଇ ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ନିକଟରେ ଆପଣଙ୍କ ସରକାର ଏହି ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ନିଛକ ଉଦାହରଣ। ଏହି ସିଲିଙ୍ଗ୍ ଅଧିକ ଉତ୍ପାଦନ କରୁଥିବା ଚାଷୀ ମାନଙ୍କ ପାଇଁ ଦଣ୍ଡ ସ୍ୱରୁପ ଏବଂ ଏହା ବିଜେପିର ସଂକଳ୍ପ ପତ୍ରର ବିରୁଦ୍ଧାଚରଣ କରୁଛି। ଚାଷୀଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଇନପୁଟ୍ ସବ୍‌ସିଡି ଦେବା ପାଇଁ ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ଶ୍ରୀପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ଭାରତ ସରକାର ଧାନର ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ଓଡିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ୬୯ ଟଙ୍କା ନ ଦେବା ଏକ ପ୍ରତାରଣା ନୁହେ କି ବୋଲି ସେ କହିଛନ୍ତି। ଧାନ ମଣ୍ଡି ମାନଙ୍କରେ ସଂଗ୍ରହ ପ୍ରକ୍ରିୟା ଆଶ୍ଚର୍ଯ୍ୟଜନକ ଭାବରେ ମନ୍ଥର ଗତିରେ ଚାଲିଛି । ତେଣୁ ଧାନକୁ କାକର ଓ ଚୋରୀରୁ ରକ୍ଷା କରିବା ପାଇଁ ଚାଷୀ ମାନଙ୍କୁ ରାତିସାରା ଜଗି ରହିବାକୁ ପଡୁଛି । ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀ ମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ କରୁଛି । ଉଲ୍ଲେଖଯୋଗ୍ୟ ଯେ ବିଜେପି ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହା ଯାଇଥିଲା, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚାଷୀ ମାନଙ୍କୁ ସେମାନଙ୍କର ହକ୍ ପାଇବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗୁଛି। ଏହା ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ନୁହେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

### ହଟ୍ଟଗୋଳ ଯୋଗୁ ...

ନିର୍ମାଣ, ପ୍ରଶସ୍ତିକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା ।

ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଣ୍ଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଜି-୨୦ ରାଷ୍ଟ୍ର ...

ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ମଧ୍ୟରେ ରହିବ ବୋଲି ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ଥିଲା ୬.୫ ପ୍ରତିଶତ। ମୁଡିସ୍ ଏହାର ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଇଛି ଯେ ଏବେ ଭାରତରେ ମୁଦ୍ରାସ୍ଫୀତି ହାର ନିମ୍ନ ସ୍ତରରେ ଥାଇ ଅଭିବୃଦ୍ଧି ତ୍ୱରାନ୍ୱିତ ହେଉଛି। ନିକଟରେ ହୋଇଥିବା ମୁଦ୍ରାନୀତି ସମୀକ୍ଷା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌କୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ତେବେ ଆଗକୁ ଯଦି ମାନ୍ଦାବସ୍ଥାର କିଛି ସଂକେତ ମିଳେ ତେବେ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତିକୁ କୋହଳ କରିବ ବୋଲି ମୁଡିସ୍ ଏହାର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରିଛି।

# ସାୟରଙ୍ଗ-ସିଲଚର ନୂଆ ଟ୍ରେନ ସେବାକୁ ସବୁଜ ପତାକା ଦେଖାଇଲେ ରେଳମନ୍ତ୍ରୀ

**ଗୌହାଟୀ, ନ୍ୟୁଜ ବ୍ୟୁରୋ**

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆସାମ ଓ ମିଜୋରମକୁ ସଂଯୋଗ କରୁଥିବା ସାଇରାଙ୍ଗ-ସିଲଚର ମଧ୍ୟରେ ଏକ ନୂଆ ଯାତ୍ରୀ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା ସହିତ ଗୌହାଟୀ ରେଳ ଷ୍ଟେସନରେ ନୂଆ ପ୍ୟାସେଞ୍ଜର ସୁବିଧାମାନଙ୍କର ମଧ୍ୟ ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେ ଅନ୍ତର୍-ରାଜ୍ୟୟ ସଂଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କ ପାଇଁ ଆରାମ, ସୁବିଧା ଏବଂ ସେବାକୁ ମଧ୍ୟ ବଢ଼ାଇବ।

ଉଲ୍ଲେଖଯୋଗ୍ୟ ଯେ, ସାଇରାଙ୍ଗ ରେଳ ଷ୍ଟେସନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମିଜୋରମର ମୁଖ୍ୟମନ୍ତ୍ରୀ ଲାଲଦୁହୋମା ମଧ୍ୟ ଉପସ୍ଥିତ ଥିଲେ। ଏହି ରେଳ ସେବା ମିଜୋରମର ରାଜଧାନୀ ଅଞ୍ଚଳ ପାଇଁ ରେଳ ସଂଯୋଗ ବଢ଼ାଇବା ଦିଗରେ ଆଉ ଏକ ଐତିହାସିକ ମାଇଲଖୁଣ୍ଟ ଭାବେ ପ୍ରମାଣିତ ହେବ। ଆସାମର ସିଲଚରରୁ ଲୋକସଭା ସାଂସଦ ପରିମଳ ଶୁକ୍ଳ ବୈଦ୍ୟ ଏବଂ ରାଜ୍ୟସଭା ସାଂସଦ କନଦ ପୁରକାୟସ୍ଥ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ଭାବେ ଯୋଗ ଦେଇଥିଲେ । ରେଳବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାଇରାଙ୍ଗ ଏବଂ ଗୌହାଟୀ ରେଳ ଷ୍ଟେସନରେ ଉପସ୍ଥିତ ଥିଲେ।

## ବାୟୋମାସ ବ୍ରିକେଟ୍ ପ୍ରତିଷ୍ଠା ପାଇଁ ବିଏମ୍‌ସିର ଚୁକ୍ତିପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି.) ବାୟୋମାସ ବ୍ରିକେଟ୍ ଉତ୍ପାଦନ କାରଖାନାର ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦୂରଦୃଷ୍ଟି ସଂପନ୍ନ ମଡେଲ ଗ୍ରହଣ କରି ଏକ ପ୍ରତିଦ୍ୱନ୍ଦ୍ୱିତା ମୂଳକ ନିଲାମୀ ପ୍ରକ୍ରିୟା ଜରିଆରେ ଟେଣ୍ଡରକୁ ସଫଳତାର ସହ ଚୂଡ଼ାନ୍ତ କରିଛି । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଅଯଥା ନଷ୍ଟ କରିଦିଆଯାଉଥିବା ବୃକ୍ଷ ଶାଖା, ପତ୍ର, କାଠ ଗଣ୍ଡି ଏବଂ ଅନ୍ୟାନ୍ୟ ଉଦ୍ୟାନ କୃଷି ଅବଶିଷ୍ଟାଂଶ ଭଳି ସବୁଜ ବର୍ଜ୍ୟବସ୍ତୁଗୁଡ଼ିକର ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ସେଗୁଡ଼ିକୁ ମୂଲ୍ୟଯୁକ୍ତ ବାୟୋମାସ ବ୍ରିକେଟରେ ପରିଣତ କରିବା । କାର୍ଯ୍ୟର ସର୍ତ୍ତାବଳୀ ଅନୁଯାୟୀ, ମନୋନୀତ ଏଜେନ୍ସି ଭୁବନେଶ୍ୱର ମହାନଗର ନିଗମର କୌଣସି ଆର୍ଥିକ ବିନିଯୋଗ ବିନା ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ପ୍ଲାଣ୍ଟର ଡିଜାଇନ୍, ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ । ଏହାର ପ୍ରତିବଦଳରେ ଏଜେନ୍ସି ଏକ ନିର୍ଦ୍ଦିଷ୍ଟ ମାସିକ ରୟାଲଟି ବାବଦକୁ ୭୫୦୦୦ ଟଙ୍କା ଲେଖାଏଁ ୧୦ ବର୍ଷ ପର୍ଯ୍ୟନ୍ତ ବିଏମସିକୁ ପ୍ରଦାନ କରିବ । ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ ପ୍ରକଳ୍ପଟି ମହାନଗର ନିଗମର ସମ୍ବଳ ଉପରେ କୌଣସି ଅତିରିକ୍ତ ବୋଝ ନ ପକାଇ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବ। ଏଜେନ୍ସି ନିକଟସ୍ଥ ଶିଳ୍ପ ପାଇଁ ଏକ ଉତ୍ସର୍ଗୀକୃତ ବିକ୍ରୟ ଏବଂ ଯୋଗାଣ ଶୃଙ୍ଖଳା ମଧ୍ୟ ପ୍ରତିଷ୍ଠା କରିବ, ଯାହା ଶିଳ୍ପ ଶକ୍ତି ଆବଶ୍ୟକତା ପାଇଁ ଏକ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଇନ୍ଧନ ଉତ୍ସ ଭାବରେ ବାୟୋମାସ ବ୍ରିକେଟ୍ର ଉପଯୋଗକୁ ସକ୍ଷମ କରିବ । ଏହା କେବଳ ଶିଳ୍ପ ପ୍ରକ୍ରିୟାରେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ମହାନଗର ନିଗମର ସବୁଜ ବର୍ଜ୍ୟକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭଦାୟକ ଶକ୍ତି ଉତ୍ପାଦରେ ପରିଣତ କରି ଚକ୍ରାକାର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ। ଏହି ପଦକ୍ଷେପ ଭାରତରେ ଏକ ଅନନ୍ୟ ଏବଂ ଅଗ୍ରଣୀ ମଡେଲକୁ ପ୍ରତିନିଧିତ୍ୱ କରେ, ଯେଉଁଥିରେ ପୌର ନିଗମ ଏକାସାଙ୍ଗରେ ସ୍ଥାୟୀ ସବୁଜ ବର୍ଜ୍ୟ ପରିଚାଳନା ହାସଲ କରେ ଏବଂ ନିଶ୍ଚିତ ପୁନରାବୃତ୍ତ ରାଜସ୍ୱ ସୃଷ୍ଟି କରେ ।

## ବିରିଡି, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡି ବିଜେପିରେ ସାମିଲ

# ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବାରୁ ଜନସାଧାରଣଙ୍କ ବିଶ୍ୱାସ ବଢ଼ିଛି: ମନମୋହନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ହାତରୁ ଖସିଲା ଆଉ ଦୁଇ ବ୍ଲକ । ଜଗତସିଂହପୁରର ବିରିଡି ଏବଂ ବ୍ରହ୍ମଗିରିର କୃଷ୍ଣପ୍ରସାଦ ବ୍ଲକର ଦୁଇ ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ସୋମବାର ଦିନ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷ ସରୋଜିନୀ ତରାଇ ବିଜେପିରେ ସାମିଲ ହୋଇଛନ୍ତି । ଏହା ସହ ବିରିଡ଼ି ବ୍ଲକର ଅଧ୍ୟକ୍ଷ ମମତା ପାତ୍ର ମଧ୍ୟ ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ଦ୍ୱାରା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲ୍ଲା ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏବଂ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ବିଜେପି ସରକାର ଯାହା କହିଛି ତାହା କରୁଥିବାରୁ ଲୋକଙ୍କ ବିଶ୍ୱାସ ଦିନକୁ ଦିନ ବର୍ଦ୍ଧିବାରେ ଲାଗିଛି । ସଂକଳ୍ପପତ୍ରରେ ବିଜେପି ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି । ଧାନ ସହାୟକ ମୂଲ୍ୟ କୁଇଂଟାଲ ପିଛା ୩୧୦୦ ଟଙ୍କା କରିବା, ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଦେବା, ପୁରୀ ଶ୍ରୀମନ୍ଦିରକୁ ୫୦୦ କୋଟି ଟଙ୍କା କର୍ପସଫଣ୍ଡ ଦେବା, ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା, ୧୫ ଲକ୍ଷ୍ୟ ହେକ୍ଟର ଜମିରେ ଜଳସେଚନ କରିବାକୁ ସଂକଳ୍ପ ନେବା, ଚିଟ୍‌ଫଣ୍ଡରେ ଜମା କରିଥିବା କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଭଳି ବିକାଶମୂଳକ କାର୍ଯ୍ୟ କରିଛି । ଓଡ଼ିଶାରେ ଅନେକ ସମ୍ଭବନା ରହିଛି, ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ୧ନମ୍ବର ରାଜ୍ୟ କରିବା ପାଇଁ ସ୍ୱପ୍ନ ଦେଖିଛନ୍ତି । ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ ସେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ସେଥିରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ ।

ଏଥିପାଇଁ ଓଡ଼ିଶାରେ ଚାଷଠାରୁ ଆରମ୍ଭ କରି ଶିଳ୍ପ, ପର୍ଯ୍ୟଟନ, ଗମନାଗମନର ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅହରହ ପରିଶ୍ରମ କରୁଛନ୍ତି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଆମ ସମସ୍ତଙ୍କୁ ମିଳିମିଶି କଠିନ ପରିଶ୍ରମ କରିବାକୁ ହେବ । ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି ।

ଏହି ଅବସରରେ ପୁରୀ ଜିଲ୍ଲା ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ପଂଚାୟତ ସମିତି ସଦସ୍ୟ ବିଜୟ ତରାଇ, ବିଭୁତି ତରାଇ, ଉଲ୍ଲାସ ଚନ୍ଦ୍ର ତରାଇ, ଭାସ୍କର ତରାଇ, ଗୋଲଖ ତରାଇ, ମିଳନ ଦଳେଇ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି ।

ସେହିପରି ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଆତ୍ମା କମିଟି ପୂର୍ବତନ ଅଧ୍ୟକ୍ଷ ନୃସିଂହ କୁମାର ଦାସ, ପୂର୍ବତନ ସରପଂଚ ନେତ୍ରନନ୍ଦ ପାତ୍ର, ୨ନଂ.ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାସ, ସରପଂଚ ପରୱେଜ ଅହମ୍ମଦ୍, ଲକ୍ଷ୍ମୀପ୍ରିୟା ମାଝୀ, କାହ୍ନୁଚରଣ ବେହେରା, ଯୁଧିଷ୍ଠିର ବେହେରା, ମନୋରଞ୍ଜନ ଭୋଇ, ପୂର୍ବତନ ସରପଂଚ ଚିରଞ୍ଜିବ ପଟ୍ଟନାୟକ, କାଳନ୍ଦୀ ଚରଣ ବସ୍ତିଆ, ପ୍ରବୋଧ କୁମାର ତ୍ରିପାଠୀ, ସୁଜିତ୍ କୁମାର ଭୋଇ, ଅମିତ କୁମାର ରାଉଳ, କାହ୍ନୁ ଚରଣ ବେହେରା, ପ୍ରଶାନ୍ତ କୁମାର ହୋତା, ସନ୍ତୋଷ କୁମାର ରାୟ, ସୁଧାଂଶୁ ଶେଖର ଜେନାମଣି, ପ୍ରଶାନ୍ତ କୁମାର ମିଶ୍ର, ପ୍ରଶାନ୍ତ କୁମାର ଓତା, ନାୟବ ସରପଂଚ କୁଦ୍ରତ୍ ଅଲ୍ଲି ଖାନ୍, ସୁବାଷ ଭୋଇ, ପୂର୍ବତନ ନାୟବ ସରପଂଚ ସାଗର ରଞ୍ଜନ ସାହୁ, ପଂଚାୟତ ସମିତି ସଦସ୍ୟ ସମ୍ପୂର୍ଣ୍ଣା ନନ୍ଦ ମିଶ୍ର, କଲ୍ୟାଣୀ ଭୋଇ, ଅଭୟ କୁମାର ଜେନା, ସଂଗ୍ରାମ କେଶରୀ ନାୟକ, ମାମିନା ସିଂ, ସସ୍ମିତା ଦାସ, ପ୍ରଶାନ୍ତ କୁମାର ବେହେରା, ପ୍ରଗତୀ ଦଳେଇ, ରଶ୍ମୀରଞ୍ଜନ ବେହେରା, ରାଜେଶ କୁମାର ଭୋଇ, ମମତା ନାୟକ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଅକ୍ଷୟ କୁମାର ମଲ୍ଲିକ, ଆଦିକାନ୍ଦ ସାହୁ, ବିଶ୍ୱରଞ୍ଜନ ପାତ୍ର, ସୁନୀଲ କୁମାର ଦାସ, ସମାଜସେବୀ ଶିଶିର ଶେଖର ସାହୁ, ପ୍ରଭାତ କୁମାର ବେହେରା, ସମୀର କୁମାର ସିଂ, ଅଶୋକ କୁମାର ବିଶ୍ୱାଳ, ଧର୍ମେନ୍ଦ୍ର ପାତ୍ର, ସଞ୍ଜୟ କୁମାର ଦଳପତି, ବିଶ୍ୱଜିତ୍ ବାରିକ, ବିଷ୍ଣୁଚରଣ ବେହେରା, ସଞ୍ଜୟ କୁମାର ଜେନା, ଜିତେନ୍ଦ୍ରନାଥ ଖଣ୍ଡୁଆଲ, ସୌମ୍ୟରଞ୍ଜନ ମଲ୍ଲ, ମାନସ ରଞ୍ଜନ ସାମଲ, ତ୍ରିଲୋଚନ ସ୍ୱାଇଁ, ତନୱିର ଅହମ୍ମଦ, ବିଜେଡି ଯୁବ ସଭାପତି ଦେବାଶିଷ ମହାନ୍ତି, ପଂଚାୟତ ଯୁବ ସଭାପତି ସଦାଶିବ ମହାପାତ୍ର, ଅଶୋକ ପଣ୍ଡା, ପାଣି ପଂଚାୟତ ସମ୍ପାଦକ ରଞ୍ଜିତ ପାତ୍ର, ପୂର୍ବତନ ବ୍ଲକ ସଭାପତି ସିତାଂଶୁ ଶେଖର ରାୟ, ଏସିଏସ୍ ସଭାପତି ନନ୍ଦ କିଶୋର ବସ୍ତିଆ, ଏସିଏସ୍ ନିର୍ଦ୍ଦେଶକ ଭାଗିରଥୀ ବେହେରା, ବିଶ୍ୱମ୍ଭର ମହାପାତ୍ର, ପୂର୍ବତନ ଏସିଏସ୍ ନିର୍ଦ୍ଦେଶକ ବଟକୃଷ୍ଣ ସେଠୀ, ପୂର୍ବତନ ଏସିଏସ୍ ସଭାପତି ପଞ୍ଚାନନ ବେହେରା, ସୁବ୍ରତ କୁମାର ପଟ୍ଟନାୟକ, ସତ୍ୟନାରାୟଣ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରଞ୍ଜିତ ମହାନ୍ତି, ସାମ୍ବାଦିକ ବସନ୍ତ କୁମାର ବେହେରା ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ଏହି ଅବସରରେ ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ଶ୍ରୀ ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ଶ୍ରୀ ସରୋଜ କର, ପୁରୀ ଜିଲ୍ଲା ସଭାପତି ଡ. ଦେବେନ୍ଦ୍ରନାଥ ତରେଇ, ଜଗତ୍‌ସିଂହପୁର ଜିଲ୍ଲା ପ୍ରଭାରୀ ଶ୍ରୀ ସୁବାସ ଜେନା, ତିର୍ତୋଲ ବିଧାନସଭା ପ୍ରାର୍ଥୀ ଶ୍ରୀ ରାଜକିଶୋର ବେହେରା, ବାଲିକୁଦା-ଏସରମା ପ୍ରାର୍ଥୀ ଶ୍ରୀ ସତ୍ୟସାରଥି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ସୁପ୍ରିମକୋର୍ଟଙ୍କ ଛାଟ:ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ । ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା । ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି । ୧୭ଜଣଙ୍କୁ ନ୍ୟାୟ ମିଳିଥିବାବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍‌ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ନାମା ଜାରି ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡର ଅଧିକାରୀଙ୍କୁ ଓଏଏସ୍ କ୍ୟାଡରେ ଫିକ୍ସଡ କରାଯାଇଛି।

ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍‌ସନ ପାଇବେ। ସେହିପରି ଓଏଫ୍‌ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏସ୍‌ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜ କୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି।

ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିମବାର ରହିଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 53-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ (KUR) - ପୁରୀ, ଜଖପୁରା (JKPR) - ନୟାଗଡ଼ (NYG), କପିଳାସ ରୋଡ଼(KIS)-ସାଳଗାଁ(SQQ) ଏବଂ ନିର୍ଗୁଣ୍ଡି (NRG) - ରାଜଆଠଗଡ଼ (RJGR) ସେକ୍ସନରେ କବଚ ବ୍ୟବସ୍ଥା ସମ୍ବନ୍ଧୀୟ 06 ଗୋଟି ଟାୱାରଗୁଡ଼ିକ ନିମନ୍ତେ 10kVA ପାୱାର ଅଗ୍‌ଜିଲିଆରୀ ଟ୍ରାନ୍ସଫର୍ମର (AT) ଯୋଗାଣ ନିମନ୍ତେ ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ(₹):** 14,39,018.70, EMD (₹) : 28,800.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1097/Q/25-26





### ଆମିଷ ହୋଟେଲରେ ମହାପ୍ରସାଦ ସେବନ

## ଜୋତା ପିନ୍ଧି ଅବଢ଼ା ଖାଇଲେ ବଙ୍ଗୀୟ ଶ୍ରଦ୍ଧାଳୁ

**ପୁରୀ ୦୯/୦୨ ନ୍ୟୁଜ ବ୍ୟୁରୋ**




ଯେଉଁ ଟେବୁଲରେ ଲୋକେ ଆମିଷ ଖାଆନ୍ତି, ସେହି ଟେବୁଲ ଉପରେ ବସି ମହାପ୍ରସାଦ ଖାଇଛନ୍ତି ବଙ୍ଗୀୟ ଯାତ୍ରୀ। ଜୋତା ପିନ୍ଧି ଓ ଚୌକିରେ ବସି ପରିବାର ସହ ଅବଢ଼ା ଖାଇବା ସହରବାସୀଙ୍କୁ ତାଜୁବ କରିଛି। ପୁରୀର ଏକ ଜଣାଶୁଣା ହୋଟେଲରେ ଯାତ୍ରୀମାନେ ଅବଢ଼ାକୁ ଅସମ୍ମାନ କରି ଖାଉଥିବା ସମୟର ଭିଡିଓ ଓ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଭକ୍ତି ଭାବର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯେପରି ଅକ୍ଳେଶରେ ମୁକ୍ତି ଦେଇଥାଏ, ସେହିପରି ମହାପ୍ରସାଦକୁ ଭକ୍ତିଭାବର ସହ ଦର୍ଶନ ଓ ସେବନ ମୁକ୍ତି ଦେଇଥାଏ ବୋଲି ପୌରାଣିକ ବର୍ଣ୍ଣନା ରହିଛି। ତେଣୁ ମହାପ୍ରସାଦକୁ ଉଚ୍ଚ ସ୍ଥାନ ଦେଇ ତଳେ ବସି ଶ୍ରଦ୍ଧାଳୁ ଏହାକୁ ସେବନ କରିଥାଆନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ଶ୍ରୀକ୍ଷେତ୍ରରେ ହୋଟେଲ ଶିଳ୍ପ ବଢ଼ିବା ସହ ଏଠାରେ ଅର୍ଡର ଦେଇ ଯାତ୍ରୀମାନେ ସହଜରେ ମହାପ୍ରସାଦ ପାଇପାରୁଛନ୍ତି । ଆଉ ମହାପ୍ରସାଦର ସମ୍ମାନ ପ୍ରତି ସଚେତନ ନଥିବା ଯାତ୍ରୀମାନେ ମହାପ୍ରସାଦକୁ ଅସମ୍ମାନ କରୁଛନ୍ତି। ଏନେଇ ବରିଷ୍ଠ ପୂଜାପଣ୍ଡା ସେବକ ସୁନୀଲ ପୂଜାପଣ୍ଡା କହିଛନ୍ତି, ପ୍ରତ୍ୟେକ ହୋଟେଲ ଯାତ୍ରୀଙ୍କୁ ଏନେଇ ସଚେତନ କରିବା କଥା । ମହାପ୍ରସାଦ ଖାଇବା ନିମନ୍ତେ ପ୍ରତି ହୋଟେଲ୍‌ରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସଂରକ୍ଷିତ ରଖାଯାଉ। ଆମିଷ ଖାଉଥିବା ସ୍ଥାନରେ ମହାପ୍ରସାଦ ସେବା ବନ୍ଦ କରାଯାଉ । ଏହି ଆସୁରିକ ଖାଦ୍ୟ ରହୁଥିବା ଫ୍ରିଜ୍‌ଗୁଡ଼ିକରେ ରଖାଯାଉଥିବା ପାଣି ବୋତଲ ମହାପ୍ରସାଦ ଖାଉଥିବା ସ୍ଥଳରେ ଦିଆନଯାଉ । ଯାତ୍ରୀଙ୍କୁ ସଚେତନ କରିବା ନିମନ୍ତେ ସମସ୍ତେ ପ୍ରୟାସ କଲେ ଏଭଳି ଅପରାଧ ଦୃଶ୍ୟ ଦେଖିବାକୁ ମିଳିବନି।

## କିଟ୍‌ରେ ଓଡ଼ିଶା ଅର୍ଥନୈତିକ ସଂଘର ୫୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୨ ନ୍ୟୁଜ ବ୍ୟୁରୋ**

କିଟ୍ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ କମର୍ସ ଓ ଓଡ଼ିଶା ଅର୍ଥନୈତିକ ସଂଘ (ଓଇଏ) ମିଳିତ ସହଯୋଗରେ ଓଇଏର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଫେବୃୟାରୀ ୭ ଓ ୮ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା 'ଭାରତ ଓ ବିଶ୍ୱ ବାଣିଜ୍ୟ: ସାମଗ୍ରୀ ଚୁକ୍ତିନାମା ଓ ନୀତି'। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖ୍ୟାତି ସଂପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର ଦୀପକ ନାୟାର ଯୋଗଦେଇ ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ ବୋଲି କହିଥିଲେ। ବିକାଶଶୀଳ ଦେଶଗୁଡ଼ିକରେ ନିଯୁକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଯୁକ୍ତି ଦୃଷ୍ଟିକୋଣରୁ ସାମଗ୍ରିକ ଅର୍ଥନୈତିକ ନୀତିଗୁଡ଼ିକର ପୁନର୍ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ କହିଲେ, କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସଶକ୍ତ ଅର୍ଥନୀତିର ଉତ୍ତମ ଉଦାହରଣ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଇକନୋମିକ୍ ଆସୋସିଏସନର ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କା, ସଂପାଦକ ଡ. ହିମାଂଶୁ ଶେଖର ରାଉତ ଓ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଶାଶ୍ୱତ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ଥନୀତି ତଥା ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ତର୍ଭୁକ୍ତି ବିକାଶ, ସ୍ଥାୟିତ୍ୱ ଓ ନୀତିଗତ ପ୍ରାସଙ୍ଗିକତାକୁ ଆଗକୁ ବଢ଼ାଇବାରେ ଅର୍ଥନୀତିର କେନ୍ଦ୍ରୀୟ ଭୂମିକା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚକମାନେ ଆଲୋଚନା କରିଥିଲେ। ଓଇଏ ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଫେସର ହିମାଂଶୁ ଶେଖର ରାଉତ ଏହି ସମ୍ମିଳନୀର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତା ପ୍ରଫେସର ଦେବାଶିଷ ମିଶ୍ର ନିଲାମ ଡିଜାଇନର ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ। ପ୍ରୋତ୍ସାହନ, ସୂଚନା ଓ ରଣନୈତିକ ଆଚରଣ ଦ୍ୱାରା ବଜାର କିପରି ଆକୃତି ପାଇଥାଏ ତା' ଉପରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଯୋଗଦେଇଥିବା ଓଡ଼ିଶା ତଥା ଭାରତର ବିଭିନ୍ନ କୋଣରୁ ୩ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ବିକାଶ, ସ୍ଥିରତା ତଥା ଭବିଷ୍ୟତର ଅର୍ଥନୈତିକ ମାର୍ଗ ଉପରେ ଏକ ଭିନ୍ନ ଚିନ୍ତାଧାରା ପ୍ରଦାନ କରିଥିଲା।




### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୯/୦୨/୨୦୨୬
୫,୧୧,୬୨୯ ଟଙ୍କା
ସୁନା:- ୩୮ଗ୍ରାମ୍ ୧୮୦ ମିଲିଗ୍ରାମ୍
ରୂପା:-୩୧ ଗ୍ରାମ୍ ୧୦୦ ମିଲିଗ୍ରାମ୍

### ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପୂର୍ବରୁ ସମନ୍ୱୟ ବୈଠକ

## ଶୃଙ୍ଖଳିତ ଭାବେ ମହାଶିବରାତ୍ରି ପାଳନ ପାଇଁ ଆଇନ୍ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୦୯/୦୨ ନ୍ୟୁଜ ବ୍ୟୁରୋ**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରିର ଅବ୍ୟବହିତ ପୂର୍ବରୁ ସୋମବାର ଦିନ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଚଳିତ ବର୍ଷ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରି ପର୍ବ ଆସନ୍ତା ତା.୧୫.୦୨.୨୦୨୬ ରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଆଇନ ବିଭାଗର ସମ୍ମିଳନୀ କକ୍ଷ ଠାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ପବିତ୍ର ମହାଶିବରାତ୍ରି ପର୍ବ ପାଳନ ଅବସରରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଯୋଗଦେଇ ସେବାୟତ, ମନ୍ଦିର ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛି। ଉକ୍ତ ବୈଠକରେ ଶାନ୍ତିପୂର୍ଣ୍ଣ ଭାବେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ହେବା, ସଠିକ୍ ସମୟରେ ମହାଦୀପ ଉଠିବା, ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣକୁ ଗୁରୁତ୍ୱ ଦେବା ସହ ଟ୍ରାଫିକ ସୁପରିଚାଳନା, ପାରିପାର୍ଶ୍ୱିକ ରାସ୍ତାଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ଆଦି ବିଷୟ ଉପରେ ବ୍ୟାପକ ଆଲୋଚନା କରିବା ସହ ଶୃଙ୍ଖଳିତ ଭାବେ ମହାଶିବରାତ୍ରି ପାଳନ ପାଇଁ ପରାମର୍ଶ ଦେଇଛି। ଉକ୍ତ ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ପୋଲିସ କମିଶନର ଡଃ ସୁରେଶ ଦେବ ଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନରସିଂହ ଭୋଳ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, କର୍ପୋରେଟର ଗଣ, ଅନ୍ୟ ପୋଲିସ ଅଧିକାରୀ ଗଣ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ସହ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଉଷା ପାଢ଼ୀ

**ଭୁବନେଶ୍ୱର, ୦୯/୦୨ ନ୍ୟୁଜ ବ୍ୟୁରୋ**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସୋମବାର ଓଡ଼ିଶା ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ସଂସ୍ଥାର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟରେ ଶିଳ୍ପ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଜମି ବିକାଶ ଏବଂ ଭିତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ଭିତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପାଞ୍ଚଳଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ। ଇଡ୍‌କୋ ଟିମ୍‌ର କାର୍ଯ୍ୟକୁ ପ୍ରଶଂସା କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ଓ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ବୃତିଗତ ମନୋଭାବ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।



### ଶ୍ରୀମନ୍ଦିରରେ ଯୁବତୀଙ୍କୁ ଅସଦାଚରଣ ମାମଲା

## ଅଭିଯୁକ୍ତକୁ ବର୍ଷେ ଜେଲ୍ ସହ ୫ ହଜାର ଜରିମାନା

**ପୁରୀ, ୯।୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରର ଗର୍ଭଗୃହ ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ଜଣେ ଯୁବତୀଙ୍କ ପ୍ରତି ଅଶାଳୀନ ବ୍ୟବହାର ହୋଇଥିଲା। ସୋମବାର ମାମଲାର ରାୟ ପ୍ରକାଶ ପାଇଛି । ପୁରୀ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ରମାନାଥ ପଣ୍ଡା ଅଭିଯୁକ୍ତ ଗୁଜୁରାଟ କିଛି ଜିଲ୍ଲାର ଅନଜର ଗ୍ରାମର ୬୯ ବର୍ଷୀୟ ବିଜୟ ସୁରେନ୍ଦ୍ର ପାଣ୍ଡିଆକୁ ଦୋଷୀ ସାବ୍ୟସ୍ତ କରିଛି । ବର୍ଷେ ଜେଲ୍ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଘୋଷଣା କରିଛନ୍ତି କୋର୍ଟ। ଜରିମାନା ନ ଦେଲେ ଅଧିକ ୧୫ ଦିନ ଜେଲ୍ ଦଣ୍ଡ ଭୋଗିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫ ମସିହା ନଭେମ୍ବର ୨୨ ତାରିଖ ସନ୍ଧ୍ୟା ୬ଟାରେ ପୀଡ଼ିତା ତାଙ୍କ ଭାଇ, ମା' ଓ ଅନ୍ୟ ସମ୍ପର୍କୀୟଙ୍କ ସହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିରର ଗର୍ଭଗୃହ ପରିସରରେ ଥିବାବେଳେ ଅଭିଯୁକ୍ତ ବିଜୟ ଯୁବତୀଙ୍କ ପ୍ରତି ଅଶାଳୀନ ଓ ଖରାପ ବ୍ୟବହାର କରିଥିଲେ । ପୀଡ଼ିତାଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତକୁ ପୁଲିସ ପୋକ୍ସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ଅଦାଲତ ଅଭିଯୁକ୍ତ ବିଜୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାକୁ ସ୍ପେଶାଲ ପିପି ମଧୁସୂଦନ ଦାଶ ପରିଚାଳନା କରିଥିଲେ। ମାତ୍ର ୩ ମାସ ଭିତରେ ଶ୍ରୀମନ୍ଦିର ମାମଲାର ରାୟ ପ୍ରକାଶ ପାଇବା ଏହା ହେଉଛି ପ୍ରଥମ ଘଟଣା ।

## ଉନ୍ନାଓ ଦୁଷ୍କର୍ମ ମାମଲା: କୂଳଦୀପ ସେଙ୍ଗରଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

**ନୂଆଦିଲ୍ଲୀ ୯।୨**

ଉତ୍ତରପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ପୂର୍ବତନ ବିଧାୟକ କୂଳଦୀପ ସେଙ୍ଗରଙ୍କ ଜାମିନ ନିବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଅନ୍ୟପଟେ ସୁପ୍ରିମକୋର୍ଟ ସେଙ୍ଗର ମାମଲାର ଶୁଣାଣି ୩ ମାସ ମଧ୍ୟରେ ଶେଷ କରିବାକୁ ଦିଲ୍ଲୀ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଙ୍ଗର ଲୋଅର କୋର୍ଟଙ୍କ ୧୦ ବର୍ଷ ଜେଲଦଣ୍ଡାଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ପୀଡ଼ିତ ପକ୍ଷ ଦଣ୍ଡ ବଢାଇବାକୁ ନିବେଦନ କରିଛନ୍ତି।

ସେଙ୍ଗରଙ୍କ ଓକିଲ କହିଛନ୍ତି ମାମଲାରେ ମୋଟ ଦଣ୍ଡ ୧୦ ବର୍ଷ ହୋଇଥିବା ବେଳେ ସେଙ୍ଗର ଏ ପର୍ଯ୍ୟନ୍ତ ୯ ବର୍ଷ ୭ ମାସ ହେଲା ଜେଲରେ ଅଛି। ହେଲେ ହାଇକୋର୍ଟ ଜାମିନ ଦେବାକୁ ମନା କରିଦେଇଛନ୍ତି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟ୍ଟା କହିଛନ୍ତି ଯେ ସେଙ୍ଗରଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ଉଲ୍ଲେଖଯୋଗ୍ୟ ଯେ କୂଳଦୀପ ସେଙ୍ଗର ପକ୍ଷରୁ ଜାମିନ ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା, ତେବେ ହାଇକୋର୍ଟ ଜାମିନ ନିବେଦନ ଖାରଜ କରିଦେଇଛନ୍ତି। ଜାନୁଆରୀ ୧୯ରେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ସେଙ୍ଗର ପକ୍ଷରୁ ସୁପ୍ରିମ କୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ଏଥିରେ ସେ ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିଥିଲା। ତେବେ ସୁପ୍ରିମକୋର୍ଟ ନିବେଦନ ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୂଳଦୀପ ସେଙ୍ଗରଙ୍କୁ କୋର୍ଟ ଆଜୀବନ ଜେଲଦଣ୍ଡାଦେଶ କରିଛନ୍ତି। ଏହା ଛଡା ସେଙ୍ଗର ବିରୋଧରେ ଦୁଷ୍କର୍ମ ମାମଲା ମଧ୍ୟ ବିଚାରାଧୀନ ରହିଛି, ଏଥିରେ ହାଇକୋର୍ଟ ତା'ର ଜାମିନ ମଞ୍ଜୁର କରିଥିବା ବେଳେ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ରୋକ ଲଗାଇ ଦେଇଛନ୍ତି ଓ ଜାମିନ ରଦ୍ଦ କରିଦେଇଛନ୍ତି।






### ବନାନ୍ ସଂଶୋଧନ ଦାବିକୁ ବଳ ଦେଲା ବିଦେଶୀ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଆଲେଖ୍ୟ

## ଜେମ୍ସ୍ ପ୍ରିନ୍‌ସେପ୍‌ଙ୍କ 'କଟକ କେଭ୍‌ସ୍' ଆଲେଖ୍ୟ ଚର୍ଚ୍ଚାରେ

**କଟକ,୦୯/୦୨ ନ୍ୟୁଜ ବ୍ୟୁରୋ**

ଇଂରାଜୀ ବିଦ୍ୱାନ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଓ ଭାରତୀୟ ପ୍ରାଚୀନ ଲିପିର ଗବେଷକ ଜେମ୍ସ ପ୍ରିନ୍‌ସେପ୍‌ଙ୍କ ଜର୍ଣ୍ଣାଲ୍ 'ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍' ଭାରତୀୟ ପ୍ରାଚୀନ ଲିପି ଉପରେ ଆଧାରିତ ଏକ ଲୋକପ୍ରିୟ ପତ୍ରିକା। ୧୮୩୭ ମସିହାରେ ପତ୍ରିକାର ଷଷ୍ଠ ସଂସ୍କରଣରେ କଟକ ଉପରେ ଏକ ଆଲେଖ୍ୟ ପ୍ରକାଶ ପାଇଛି, ଯାହାର ଶୀର୍ଷକ ରହିଛି 'କଟକ କେଭ୍‌ସ୍' ଅର୍ଥାତ୍ କଟକର ଗୁମ୍ଫା । ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ଆଲେଖ୍ୟରେ ଏହି ପ୍ରସିଦ୍ଧ ଗବେଷକ 'କୁଟାକ୍' ନଲେଖି ବାସ୍ତବ ବନାନ 'କଟକ' ଲେଖିଛନ୍ତି । କଟକ ନାଁର ବନାନ ସଂଶୋଧନ ଦାବି ଏବେ ତେଜୁଥିବା ବେଳେ ବିଦେଶୀ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଏହି ଆଲେଖ୍ୟକୁ ଏଦିଗରେ ବଳିଷ୍ଠ ପ୍ରମାଣ ଭାବେ ଗ୍ରହଣ କରାଯାଇପାରେ। ଓଡ଼ିଶାର ୭ ଜିଲ୍ଲାର ନାମର ବନାନ୍ ସଂଶୋଧନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ପୁରୁଣା ରାଜଧାନୀ କଟକକୁ ଛାଡ଼ି ଯାଇଛନ୍ତି । ଏହାକୁ ନେଇ କଟକର ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ବିଭିନ୍ନ ବର୍ଗଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଦୀର୍ଘ ବର୍ଷ ଧରି କଟକର ପ୍ରକୃତ ଇଂରାଜୀ ବନାନ୍ ରହିଛି କୁଟାକ୍। ଏହାକୁ ନେଇ ରାଜନୈତିକ ମହଲରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଭଳି ସ୍ଥିତିରେ କଟକର ବନାନ୍‌କୁ ନେଇ ଭିନ୍ନ ଭିନ୍ନ ପ୍ରମାଣ ଓ ଦସ୍ତାବିଜ୍ ସାମ୍ନାକୁ ଆସୁଛି । ନିକଟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏକ ପରିତ୍ୟକ୍ତ କୋଠାଘରେ ଅଲୋଡ଼ା ହୋଇ ପଡିରହିଥିବା ଟ୍ରେଜେରି (ଆଇରନ୍ ଚେଷ୍ଟ)ରେ ଇଂରାଜୀରେ କଟକ ବୋଲି ଉଲ୍ଲେଖ ରହିଛି । ୧୯୨୪ ମସିହାର ଏହି ଐତିହ୍ୟକୁ ନେଇ ଆଲୋଚନା ଜାରି ରହିଥିବା ବେଳେ ଏହାଠାରୁ ପ୍ରାୟ ୮୭ବର୍ଷ ତଳର ଆଉ ଏକ ପ୍ରମାଣ ଏବେ ସାମ୍ନାକୁ ଆସିଛି । ଯେଉଁଥିରେ କଟକର ଇଂରାଜୀ ବନାନ୍ କୁଟାକ୍ ନୁହେଁ କଟକ ବୋଲି ଉଲ୍ଲେଖ ରହିଛି । ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଜେମ୍ସ ପ୍ରିନ୍‌ସେପ୍‌ଙ୍କ ପତ୍ରିକାରେ କଟକ ଗୁମ୍ଫା ସଂପର୍କିତ ଲେଖାରେ କଟକ ଉଲ୍ଲେଖ ରହିଛି । ଅର୍ଥାତ୍ ପ୍ରାୟ ଦୁଇଶହ ବର୍ଷ ପୂର୍ବରୁ ବିଦେଶୀମାନେ କଟକ ହିଁ ସମ୍ବୋଧନ କରୁଥିଲେ ଏବଂ ଲେଖୁଥିଲେ। ଏହି ଆଲେଖ୍ୟରେ କେବଳ ଗୋଟିଏ କି ଦୁଇଟି ଜାଗାରେ କଟକ ଲେଖାଯାଇଛି କିମ୍ବା ଏହାକୁ ଭୁଲବଶତଃ ଲେଖାଯାଇଛି ବୋଲି କୁହାଯାଇ ପାରିବ ନାହିଁ । ବାରମ୍ବାର ଗବେଷକ କୁଟାକ୍ ନୁହେଁ ବରଂ କଟକ ହିଁ ଲେଖିଛନ୍ତି। ଏହାର କପି ମଧ୍ୟ ସଂରକ୍ଷିତ ହୋଇ ରହିଛି । ଗବେଷକ ନିଜ ଆଲେଖ୍ୟ ବାବଦରେ ଅନେକ ଗବେଷଣା ବି କରିଥିବା ଜଣାଯାଏ । 'କଟକ କେଭ୍‌ସ୍' ଆଲେଖ୍ୟର ଉପକ୍ରମରେ ଗବେଷକ ଜେମ୍ସ ପ୍ରିନସେପ୍ ଏକ ବାକ୍ୟ ଲେଖିଛନ୍ତି ଯାହା ଗବେଷଣାର ପ୍ରମାଣ ଦେଉଛି । ଯେଉଁଥିରେ ଉଲ୍ଲେଖ ରହିଛି ଯେ, 'ଏହି ଗୁମ୍ଫାମାନେ ସାଧାରଣ ମାନଚିତ୍ରରେ ଚିହ୍ନଟ ନୁହେଁ । ତଥାପି, ଏହାର ସ୍ଥାନ ସହଜରେ ଜଣାଯାଏ । କଟକର ଦକ୍ଷିଣ-ପୂର୍ବ ଦିଗକୁ ପ୍ରାୟ ୧୭ ମାଇଲ୍ ଦୂରରେ ଗୁମ୍ଫାଗୁଡିକର ଅବସ୍ଥିତି।' ଏହି ବାକ୍ୟରେ ଗବେଷକ ଉଦୟଗିରି ଗୁମ୍ଫା ବିଷୟରେ ବିସ୍ତୃତ ଭାବେ ପ୍ରକାଶ କରିଛନ୍ତି। ସେ ସମୟରେ ଇଂରେଜ ଶାସନାଧୀନ ଓଡ଼ିଶାରୁ ଗବେଷକ ତଥ୍ୟ ସଂଗ୍ରହ କରି ଆଲେଖ୍ୟ ପ୍ରସ୍ତୁତ କରିଥିବା ବେଳେ ଆଜିର ଦିନରେ ଏହାର ପ୍ରାସଙ୍ଗିକତା ରହିଛି ବୋଲି କୁହାଯାଇପାରେ।

